ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.24 . No.304 Bhubaneswar Friday, January 28, 2022 | ୨୪ତମ ବର୍ଷ ସଂଖ୍ୟା-୩୦୪ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ସିଏଜିଙ୍କ ଆପତ୍ତି: ନବୀନ ନିବାସକୁ ରାସ୍ତା ପାଇଁ ୩.୨୨ କୋଟି, ଏଜି ଛକ ରାସ୍ତାରେ ୧୮କୋଟି ବରବାଦ

ଭୁବନେଶ୍ୱର, ୨୭।୧(ପି.ଏନ): ରାଜଧାନୀ ଭୁବନେଶ୍ୱର ସହରରେ ଗମନାଗମନକୁ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର 'କ୍ୟାପିଟାଲ ରୋଡ୍ ଡେଭଲପମେଣ୍ଟ ପ୍ରୋଗ୍ରାମ(ସିଆରଡିପି)' ଏକ ପ୍ରହସନ ପାଲଟିଛି । ଏହି ରାସ୍ତା ଉନ୍ନୀତିକରଣ ନାଁରେ ରାଜ୍ୟ ପୂର୍ତ୍ତ ବିଭାଗ କୋଟି କୋଟି ଟଙ୍କା ହରିଲୁଟ୍ କରିଛି । ୨୦୧୫-୨୦୨୦ ମସିହା ମଧ୍ୟରେ ଏହି ସିଆରଡିପି ମାଧ୍ୟମରେ ୩୮ଟି କାର୍ଯ୍ୟ ପାଇଁ ୧୬୭କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ସବୁ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନବୀନ ନିବାସକୁ ରାସ୍ତା ସଂଯୋଗ ନାଁରେ ଅନାବଶ୍ୟକ ଭାବେ ୩.୨୨କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଯାହାକି ସାଧାରଣ ଲୋକଙ୍କ କାର୍ଯ୍ୟରେ ଆସିବା ପରିବର୍ତ୍ତେ ନବୀନ ନିବାସ ସମ୍ମୁଖ ରାସ୍ତା ଏବେ ଦୁର୍ଘଟଣାପ୍ରବଣ ପାଲଟିଛି। ଏଭଳି ଢଙ୍ଗରେ ରାଜ୍ୟ ସରକାରଙ୍କ ରାଜଧାନୀ ରାସ୍ତା ଉନ୍ନତିକରଣ କାର୍ଯ୍ୟକ୍ରମ ଉପରେ ସିଏଜି ଆପତ୍ତି ଉଠାଇବା ସହ ସ୍ପଷ୍ଟୀକରଣ ମାଗିବା ପରେ ପୂର୍ତ୍ତ ବିଭାଗ ଗତ ୨୫ତାରିଖରେ ଏନେଇ ମୁଖ୍ୟ ଯନ୍ତ୍ରୀ(ରାସ୍ତା)କୁ ରିପୋର୍ଟ ତଲବ କରିଛି




।ମିଳିଥିବା ସୂଚନା ଅନୁସାରେ 'କ୍ୟାପିଟାଲ ରୋଡ୍ ଡେଭଲପମେଣ୍ଟ ପ୍ରୋଗ୍ରାମ'ର ଅଡିଟ୍ ବେଳେ ସିଏଜି ଅନେକ ଅସଙ୍ଗତି ଧରିବା ସହ ଅଯଥାରେ କୋଟିକୋଟି ଟଙ୍କା ବରବାଦ ହୋଇଥିବା ମଧ୍ୟ ଜାଣିବାକୁ ପାଇଛନ୍ତି । ସିଏଜି କହିଛନ୍ତି ଯେ, ସିଆରଡିପିରେ ମୋଟ ୪୨ଟି କାର୍ଯ୍ୟ ପାଇଁ ୧୮୫.୧୨କୋଟି ଟଙ୍କା ୨୦୧୫ରୁ ୨୦୨୦ ମସିହା ମଧ୍ୟରେ ଆବଣ୍ଟିତ ହୋଇଥିବାବେଳେ ସେଥିରୁ ୧୬୭.୧୬କୋଟି ଟଙ୍କା ୩୮ଟି କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଛି । ୧୭ଟି କାର୍ଯ୍ୟ ସରିଥିବାବେଳେ ୨୧ଟି କାର୍ଯ୍ୟ ଜାରି ରହିଛି ଓ ୪ଟି କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନି । ତେବେ ରାଜଧାନୀର ଏହି ସମସ୍ତ ୪୨ଟି ରୋଡ୍ ପ୍ରକଳ୍ପ କାର୍ଯ୍ୟକାରୀବେଳେ କୌଣସି ଗୋଟିଏ ବି ରାସ୍ତାରେ ଗାଡି ପାର୍କିଂ ନିମନ୍ତେ ସ୍ଥାନ, ଭେଣ୍ଡିଂ ଜୋନ୍ ଆଦି ପାଇଁ ବ୍ୟବସ୍ଥା ଉକ୍ତ ପ୍ରକଳ୍ପ ଡିଜାଇନରେ ସାମିଲ ହୋଇନି । ନିୟମ ଅନୁସାରେ ସହରର ଏହି ସମସ୍ତ ରାସ୍ତାର ଆୟୁଷ ୨୦ବର୍ଷବା ତା'ଠୁ ଅଧିକ ରହିବା ପରିବର୍ତ୍ତେ ? ୧୧ଟି ରାସ୍ତାର ଡିଜାଇନ୍ ଏଭଳି ହୋଇଛି ଯାହାର ଆୟୁଷ ଅତିବେଶୀରେ ୧୦ରୁ ୧୨ବର୍ଷ ପର୍ଯ୍ୟନ୍ତ ଯିବ ।ସେହିପରି ୧୫ଟି ରାସ୍ତାରେ ସାଇକେଲ୍ ଟ୍ରାକ୍ ପାଇଁ ଡିଜାଇନ୍ ନଥିବାବେଳେ ୧୨ଟି ରାସ୍ତାରେ ଫୁଟପାଥ ନିମନ୍ତେ ସର୍ବନିମ୍ନ ୧.୨ମିଟର ଚଉଡାର ରାସ୍ତା ମଧ୍ୟ ନାହିଁ । ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୬ ମାର୍ଚ୍ଚ ୮ତାରିଖରେ ଭୁବନେଶ୍ୱରକୁ ସ୍ମାର୍ଟସିଟି ଘୋଷଣା କରାଯାଇ ବିଭିନ୍ନ ରାସ୍ତାର ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ୍ ଆବଣ୍ଟନ କରାଯାଇଥିଲା ।ପୂର୍ତ୍ତ ବିଭାଗ ମଧ୍ୟ ଏହି ଅଂଚଳଭିତ୍ତିକ ରାସ୍ତା ବିକାଶ ପାଇଁ ସିଆରଡିପିରେ କୌଣସି ସ୍ୱଷ୍ଟ ଗାଇଡଲାଇନକୁ ମାନୁନଥିବାବେଳେ ସହରର ଭିତ୍ତିଭୂମି ସୁଦୃ ? ପାଇଁ ସ୍ମାର୍ଟସିଟିର ଗାଇଡଲାଇନକୁ ବି ଅଣଦେଖା କରିବାକୁ ପଛାଇନାହିଁ । ରାଜ୍ୟ ସରକାର ନିଜସ୍ୱ 'ସିଆରଡିପି' କାର୍ଯ୍ୟକ୍ରମରେ କୌଣସି ରାସ୍ତା ପ୍ରକଳ୍ପ କାର୍ଯ୍ୟ ହାତକୁ ନେବା ପୂର୍ବରୁ ତା'ର ଡିପିଆର ପ୍ରସ୍ତୁତିକୁ ମଧ୍ୟ ଗୁରୁତ୍ୱ ଦେଇନାହାନ୍ତି । ଏପରିକି ଜବରଦଖଲ ଉଚ୍ଛେଦ ନକରି, ବିଭିନ୍ନ ୟୁଟିଲିଟି ସ୍ଥାନାନ୍ତର ନକରି ଠିକା ସଂସ୍ଥା ସହ କାର୍ଯ୍ୟ ଆରମ୍ଭ ପାଇଁ ଏଗ୍ରିମେଣ୍ଟ ହୋଇଛି । ଯେଉଁଥିପାଇଁ ୨୦୨୧ ମାର୍ଚ୍ଚ ସୁଦ୍ଧା ୪୨.୭୯କୋଟି ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ଅଧିକାଂଶ ରାସ୍ତା ଅଧପନ୍ତରିଆ ହୋଇ ପଡିରହିଛି । ୩୮୮ରୁ ୧୨୦୪ଦିନ ହେବ ଏହି ରାସ୍ତା କାର୍ଯ୍ୟ ପଡି ରହିଥିବା ଜଣାପଡିଛି ।ନବୀନ ନିବାସ ସମ୍ମୁଖ ରାସ୍ତାକୁ ଡାଇଭର୍ଟ କରାଯିବା ପାଇଁ ୨.୦୫କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ୧.୧୩କୋଟି ଟଙ୍କା ଖର୍ଚ୍ଚ ହେବାପରେ ଏହି କାର୍ଯ୍ୟ ବନ୍ଦ ହୋଇଯାଇଛି । ୨ଟି ଟ୍ରାନ୍ସଫର୍ମର ଓ ୨ଟି ଇଲେକ୍ଟ୍ରି ପୋଲ୍ ରାସ୍ତାରେ ଥିବାରୁ ଏହି ମାର୍ଗ ଦୁର୍ଘଟଣାପ୍ରବଣ ପାଲଟିଛି ବୋଲି ସିଏଜି ଅଡିଟବେଳେ ଜାଣିବାକୁ ପାଇଛନ୍ତି । ସେହିପରି ରାଜଧାନୀ ଭୁବନେଶ୍ୱରର ଶିଶୁଭବନ ଛକରୁ ଏକାମ୍ର ଛକ ପର୍ଯ୍ୟନ୍ତ ୯୯୬ ମିଟର ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ୧.୯୪କୋଟି ବ୍ୟୟବରାଦ ହୋଇଥିଲା, କିନ୍ତୁ ନବୀନ ନିବାସ ନିକଟସ୍ଥ ପୁରୁଣା ବିମାନବନ୍ଦର ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ହେବାପରେ ଏହି କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ୫ଟି ସବଷ୍ଟେସନ, ପାଇପ ଜଳଯୋଗାଣ, ଗଛ, ଇଲେକ୍ଟ୍ରି ପୋଲ୍ ଆଦି ସ୍ଥାନାନ୍ତର ନହେବାରୁ ରାସ୍ତା କାର୍ଯ୍ୟ ତା'ର ଲକ୍ଷ୍ୟ ପୂରଣ କରିପାରିନଥିଲା । ନବୀନ ନବାସକୁ ଯାଇଥିବା ଏହି ଦୁଇ ରାସ୍ତା ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରିନଥିବା ଜଣାପଡିଛି । ସେହିପରି ରାଜଧାନୀର ବିମାନ ବନ୍ଦର ଛକରୁ ଏଜି ଛକ ପର୍ଯ୍ୟନ୍ତ ୧୬୮୦ମିଟର ରାସ୍ତାର ଉନ୍ନତିକରଣର ଆବଶ୍ୟକତା ନଥାଇ ମଧ୍ୟ ୨୦୧୮ ଏପ୍ରିଲ ୨୦ତାରିଖରେ ୧୮.୦୮କୋଟି ଟଙ୍କା ଟେଣ୍ଡର ଡକାଯାଇଥିଲା । ଏହି ମାର୍ଗରେ ସାଇକେଲ ଟ୍ରାକ, ଫୁଟପାଥ, ଡ୍ରେନ୍ ଓ ପିଚୁ ଆଦି ସବୁ ଭଲସ୍ଥିତିରେ ଥାଇ ମଧ୍ୟ ଆଉ ଏକ ସାଇକେଲ୍ ଟ୍ରାକ ନିର୍ମାଣ ଓ କଂକ୍ରିଟ୍ କାର୍ଯ୍ୟ ପାଇଁ ଟେଣ୍ଡର ଡକାଯାଇଥିଲା । ଆବେଦନ ମିଳିବା ପରେ ୫୫୩ ଦିନ ପକାଇ ରଖି ଅର୍ଥାତ ୨୦୨୦ ଜୁଲାଇ ୨୩ ତାରିଖରେ ଏହି ଠିକା କାର୍ଯ୍ୟ ଆବଣ୍ଟନକୁ ଚୂଡାନ୍ତ କରାଯାଇଥିଲା । ତେବେ ଏହି ମାର୍ଗ ସମ୍ପୂର୍ଣ୍ଣ ଭାବେ ଭଲ ସ୍ଥିତିରେ ଥିବାବେଳେ ଏଥିରେ କୌଣସି କାର୍ଯ୍ୟର ଆବଶ୍ୟକତା ନଥିବା ସିଏଜି ତାଙ୍କ ଅଡିଟରେ ଉଲ୍ଲେଖ କରିଛନ୍ତି । ଏହି ମାର୍ଗରେ ଜବରଦଖଲ ଉଚ୍ଛେଦ ନକରି କାହିଁକି ଏହି ଅନାବଶ୍ୟକ ପ୍ରକଳ୍ପ ପାଇଁ ଟେଣ୍ଡର ଡକାଗଲା ବୋଲି ସିଏଜି ପ୍ରଶ୍ନ କରିଛନ୍ତି ।କେବଳ ସେତିକି ନୁହେଁ, ଏସବୁ ରାସ୍ତା ପ୍ରକଳ୍ପ ପାଇଁ ଗଛ କଟା ଯିବା ଓ ଗଛ ଲଗାଇବା ପାଇଁ ୧.୧୦କୋଟି ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ଏହି ଟଙ୍କା ଖର୍ଚ୍ଚ ହୋଇନାହିଁ । ଏପରିକି ଗଛ କାଟିବା ଯୋଗୁ ପରିବେଶ ଉପରେ କ'ଣ ପ୍ରଭାବ ରହିବ ଓ ଗଛ କାଟିବା ପାଇଁ ଜଙ୍ଗଲ ବିଭାଗର ଅନୁମତି ମଧ୍ୟ ପୂର୍ତ୍ତ ବିଭାଗ ନେଇନଥିବା ଜଣାପଡିଛି ।ତେଣୁ ରାଜଧାନୀର ରାସ୍ତାଗୁଡ଼ିକର ଉନ୍ନତିକରଣ ନାଁରେ ସିଆରଡିପି କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ତ୍ତ ବିଭାଗ କୋଟିକୋଟି ଟଙ୍କା ହରିଲୁଟ୍ କରିବାକୁ ପଛାଇ ନଥିବା ପରୋକ୍ଷରେ ସିଏଜିଙ୍କ ଅଡିଟରୁ ସ୍ପଷ୍ଟ ହୋଇଯାଇଛି ।

## ମୁହଁ ଖୋଲିଲେ ପ୍ରସାଦ , ଦଳରେ ଥିଲି ରହିବି : ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବି ନାହିଁ

ଭୁବନେଶ୍ୱର, ୨୭।୧(ପି.ଏନ): 'ମୁଁ ବେପାରୀ ନୁହେଁ ଯେ ଡିଲ୍ କରିବି। ମୁଁ ଦଳରେ ରହିବି, ଦଳ ପାଇଁ କାମ କରିବି ଓ ପ୍ରଚାର କରିବି। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ମୁଁ ଲଢ଼ିବି ନାହିଁ। ଯେଉଁମାନେ ମୋତେ ଆକ୍ଷେପ କରି କହିଛନ୍ତି ଯେ ମୁଁ କ୍ଷମତା ପାଇଁ ବିଜେଡିକୁ ଯିବି ,ସେମାନଙ୍କୁ ଏହା ହିଁ ମୋ ଜବାବ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି କହିଛନ୍ତି ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ବିଧାୟକ ହୋଇଥିବା ପ୍ରସାଦ ହରିଚନ୍ଦନ। ସାମ୍ବାଦିକ ସମ୍ମିଳନୀ ଭାବବିହ୍ୱଳ ହୋଇ ପ୍ରସାଦ କହିଛନ୍ତି ସରକାରଙ୍କଠାରୁ ଫାଇଦା ପାଇଁ ବେପାରୀମାନେ ଡିଲ୍ କରନ୍ତି। କିନ୍ତୁ ରାଜ୍ୟ ସରକାର ହୁଅନ୍ତୁ ବା କେନ୍ଦ୍ର ସରକାର, ମୁଁ କାହାଠୁ ସାମାନ୍ୟତମ ଫାଇଦା ନେଇ ନାହିଁ। ମୁଁ କାହା ସହିତ ଡିଲ୍ କରି ନାହିଁ କି କରିବି ନାହିଁ। ମୁଁ ଦୁର୍ନୀତିରେ ନାହିଁ। ମୁଁ ଖଣି ହେଉକି ପାଣି, କୌଣସି ଦୁର୍ନୀତିରେ ନାହିଁ। ଆଜି ପର୍ଯ୍ୟନ୍ତ ମୋ ବିରୋଧରେ କୌଣସି ସ୍କାମ୍ ଓ ସ୍କାଣ୍ଡାଲର ଅଭିଯୋଗ ଆସିନି। ଏହା ସେମାନଙ୍କୁ ଅସହ୍ୟ କରୁଛି। ସେମାନଙ୍କୁ ଅସହ୍ୟ କରୁଛି ମୋ ନୀରବତା। ମୁଁ ଦଳର ଓ ଲୋକଙ୍କ ସ୍ୱାର୍ଥ ପାଇଁ ନୀରବ ରହୁଛି। ନହେଲେ ବହୁତ ଲୋକଙ୍କର ବହୁତ ଗୁମର ଖୋଲି ଯାନ୍ତା। ମୋ ପାଖରେ ସେ ନେଇ ଦସ୍ତାବିଜ୍ ବି ଅଛି। ନିର୍ବାଚନ ପରେ ଏହାର ଖୁଲାସା କରିବି ।ସେ କହିଥିଲେ, ଯେଉଁମାନେ କହୁଛନ୍ତି ମୁଁ ୩ ବର୍ଷ ହେଲାଣି ଘରୁ ବାହାରୁନି, ଆଜି ସେମାନଙ୍କ ଉଦ୍ଦେଶ୍ୟରେ ମୁଁ କହୁଛି ୩ ବର୍ଷ ନୁହେଁ, ୩୩ ବର୍ଷ ହେଲାଣି ମୁଁ ଘରୁ ବାହାରିନି। ମୋର ଗୋଟିଏ ଘର ଓ ଗୋଟିଏ ଠିକଣା। ଆଉ ତାହା ହେଉଛି କଂଗ୍ରେସ। ସେ କହିଥିଲେ, କିଛି ଲୋକ କହୁଛନ୍ତି ମୁଁ ପୁରୀ ଲୋକସଭା ଆସନରୁ ପ୍ରାର୍ଥୀ ହେବାକୁ ଚାହୁଁଛି, ତେଣୁ ବିଜେଡି ଯିବି। କିନ୍ତୁ ମୁଁ ଘୋଷଣା କରୁଛି ଯେ ମୁଁ ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବି ନାହିଁ। ତେଣୁ ଯେଉଁମାନେ ମୋ ବିରୋଧରେ ଅପପ୍ରଚାର କରୁଛନ୍ତି, ସେମାନେ ଏଥରୁ ବୁଝନ୍ତୁ ଯେ ମୋର କ'ଣ ଇଚ୍ଛା ଅଛି ? ଏହା ସହିତ କଂଗ୍ରେସ ଏକ ସଙ୍ଗିନ ସ୍ଥିତି ଦେଇ ଯାଉଥିବା କହିଥିଲେ ପ୍ରସାଦ ହରିଚନ୍ଦନ। ସେ କହିଥିଲେ, କଂଗ୍ରେସ କର୍ମୀମାନେ ତଳିତଳାନ୍ତ। ଗାଁଗଣ୍ଡାରେ ମୁଣ୍ଡ ଟେକି ଚାଲି ପାରୁ ନାହାନ୍ତି। ସବୁ ସୁବିଧା ସୁଯୋଗରୁ ବଂଚିତ ହୋଇଛନ୍ତି। ଏଭଳି ସମୟରେ ଆମେ କଂଗ୍ରେସର ନେତାମାନେ ଏକାଠି ହୋଇ ଦଳକୁ କେମିତି ପୁଣି ଉଠାଇ ହେବ, ସେ କଥା ଚିନ୍ତା କରିବା ଉଚିତ୍।

## ପ୍ରତିଶ୍ରୁତି ଦେଇ ପୂରଣ ନକରିବା ବିଜେପିର ଅଭ୍ୟାସ: ବିଜେଡି

ଭୁବନେଶ୍ୱର, ୨୭।୧(ପି.ଏନ): ବଡ ବଡ ପ୍ରତିଶ୍ରୁତି ଦେବା ଏବଂ ପରବର୍ତ୍ତୀ ସମୟରେ ଏହାକୁ ପୂରଣ ନକରିବା ବିଜେପିର ପୁରୁଣା ଅଭ୍ୟାସ ଏବଂ ଆଜିର ଇସ୍ତାହାର ଏହାର ବ୍ୟତିକ୍ରମ ନୁହେଁ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସୁଲତା ଦେଓ ।ସାମ୍ବାଦିକ ସମ୍ମିଳନୀରେ ବିଜେପିର ନିର୍ବାଚନ ଇସ୍ତାହାର ଓ ଅଭିଯୋଗ ପତ୍ର ଜାରି କରିବା ଉପରେ ପ୍ରତିକ୍ରିୟା ବ ଦେଇ ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ କହିଛନ୍ତି ଯେ ୨୦୧୭ ରେ ବିଜେପିର କିଛି ଜିଲ୍ଲା ପରିଷଦ ସଭାପତି ରହିଥିଲେ । ସେମାନେ ଏଭଳି ଦୁର୍ଭାଗ୍ୟଜନକ ଭାବରେ ବିଫଳ ହୋଇଥିଲେ ଯେ ୨୦୧୯ ନିର୍ବାଚନରେ ଲୋକମାନେ ବିଜେପିକୁ ପ୍ରତ୍ୟାଖ୍ୟାନ କରିଦେଲେ । ଚଳିତ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ବହୁତ ଖରାପ ପ୍ରଦର୍ଶନ କରିବ ଏବଂ ଏହି ଇସ୍ତାହାର ହେଉଛି ଓଡିଶାର ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଶେଷ ପ୍ରୟାସ। ରାଜ୍ୟର ୪.୫ କୋଟି ଓଡିଆ ଜାଣନ୍ତି ଯେ କେବଳ ବିଜୁ ଜନତା ଦଳ ହିଁ ସେମାନଙ୍କ କଲ୍ୟାଣ ତଥା ବିକାଶ ପାଇଁ ଯତ୍ନବାନ ହୋଇ କାର୍ଯ୍ୟ କରେ ଏବଂ ଏହି ପଂଚାୟତ ନିର୍ବାଚନରେ ସେମାନେ ବିଜେଡିକୁ ବିଜୟ ପ୍ରଦାନ କରିବେ ବୋଲି ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ କହିଛନ୍ତି ।

## ବରଗଡରେ ବିଜେପି ଆଚରଣ ବିଧି ଉଲ୍ଲଂଘନ କରୁଛି : ବିଜେଡି

ଭୁବନେଶ୍ୱର, ୨୭।୧(ପି.ଏନ): ବରଗଡ଼ ଜିଲ୍ଲାରେ ପଂଚାୟତ ନିର୍ବାଚନ କାର୍ଯ୍ୟକ୍ରମରେ ବିଜେପି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରୁଥିବା ଅଭିଯୋଗ କରିଛି ବିଜେଡି। ସ୍ଥାନୀୟ ସାସଂଦ ତଥା ବରିଷ୍ଠ ବିଜେପି ନେତା ସୁରେଶ ପୂଜାରୀ ଏବଂ ଜିଲ୍ଲା ପରିଷଦ ପ୍ରାର୍ଥୀମାନେ କୋଭିଡ ନିର୍ଦ୍ଦେଶନାମାକୁ ଅବମାନନା କରୁଥିବା ଅଭିଯୋଗ କରି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି ।

## ଗୋଟିଏ ଦିନରେ ୫୯୦୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୯୦୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୩୧୧୬୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୭୩୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୫୨ ହଜାର ୨୩୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୩୨୭ ରହିଛି । ଆଜି ଚିହ୍ନଟ ହୋଇଥିବା ୫୯୦୧ ଜଣଙ୍କ ମଧ୍ୟରୁ ୩୪୧୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୪୩୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୯୩ , ବାଲେଶ୍ୱର ଜିଲ୍ଲାରୁ ୩୦୦ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୦୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୮୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୭୮ , କଟକରୁ ୪୦୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୮୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୯, ଗଂଜାମ ଜିଲ୍ଲାରେ ୯୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୨, ଯାଜପୁରରୁ ୧୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୬୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮୬ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ୧୨୮ , ଖୋର୍ଦ୍ଧାରୁ ୧୪୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୬୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୮୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୮୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୧୧୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୮୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୫୪୫, ଷ୍ଟେଟ୍ ପୁଲରୁ ୨୯୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପାରାଦୀପରେ ନିରାଡମ୍ବର ଭାବେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦୀପ, ୨୭।୧(ପି.ଏନ): ସରକାରଙ୍କ ଆଦର୍ଶ କୋଭିଡ୍-୧୯ ଗାଇଡ୍ ଲାଇନ୍ ପାଳନ କରି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବନ୍ଦର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ.ହରାନାଦ । ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ୧୧୫ଏମ୍.ଏମ୍.ଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ରହିଛି । ପାରାଦୀପ ବନ୍ଦରର ଅଧିକାରୀ, କର୍ମଚାରୀ, ବ୍ୟବହାରକାରୀ, କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ଲକ୍ଷ୍ୟ ପାର ହୋଇପାରିବ ବୋଲି ସେ ବକ୍ତବ୍ୟ ପ୍ରଦାନ କରିଥିଲେ । ପାରାଦୀପ ବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ଯୋଜନା ପ୍ରଣୟନ ସଂପର୍କରେ ସୂଚନା ଦେଇଥିଲେ । ଦେଶର ବୃହତ୍ତ ସାର ଉତ୍ପାଦନକାରୀ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହରେ ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଇଫକୋର ଅଫିସର୍ସ ସଂଘ ଓ କର୍ମଚାରୀ ସଂଘର ସ୍ୱଳ୍ପ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଜେ.ଏସ.ଡବ୍ଲ୍ୟୁ ଓଡିଶା ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳରେ ଏହାର ପ୍ରକଳ୍ପ ମୁଖ୍ୟ ସୁବ୍ରତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ଶ୍ରୀ ସାହୁ। ସେହିପରି ପାରାଦୀପ ଖବର କାଗଜ ବିତରକ ସଂଘ ପକ୍ଷରୁ ବଡପଡିଆ ପ୍ରେସ୍ ଛକ ଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସମାଜସେବୀ ରାକେଶ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନଙ୍କ ସହିତ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ସେହିପରି ପାରାଦୀପ ପୋର୍ଟ ବଣିକ ସଂଘ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ସଭାପତି ସଂତୋଷ କୁମାର ପଟ୍ଟନାୟକ। ବ୍ୟବସାୟୀ ଭାଇମାନେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରି ବ୍ୟବସାୟ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ ପରିସରରେ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସାର୍ଖେଲ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସଂଘର ସଦସ୍ୟ ସଦସ୍ୟାମାନଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ପାରାଦୀପ ପୋର୍ଟ ୱାର୍କସ୍ ୟୁନିୟନ ପରିସରରେ ସାଧାରଣ ସଂପାଦକ ନୃସିଂହ ପ୍ରସାଦ ଶତପଥୀ ଜାତୀୟ ପତାକା ଉତ୍ତୋଳଣ କରିଥିବା ବେଳେ ଅନ୍ୟାନ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନିରାଡମ୍ବର ଭାବେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ନବୀନ ସରକାରଙ୍କ ବହୁମୁଖୀ ଯୋଜନାର ସଫଳତାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଅ:ସାଂସଦ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୨୭।୧: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆଜି ଫୁଲବାଣୀଠାରେ ବିଜେଡ଼ି କର୍ମୀ ସମ୍ମିଳନୀରେ ଯୋଗଦେଇ କର୍ମୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ବହୁମୁଖୀ ଯୋଜନା ପ୍ରଣୟନ କରି ଏହାର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚାଇ ପାରିଛନ୍ତି ସେ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ଲୋକଙ୍କ ପ୍ରିୟଭାଜନ ହେବାକୁ ପରାମର୍ଶ ଦେଇଥିଲେ। କର୍ମୀ ସମ୍ମିଳନୀରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, କନ୍ଧମାଳ ସହପର୍ଯ୍ୟବେକ୍ଷକ କିଶୋର ମେହେର, ଜିଲ୍ଲା ବିଜେଡ଼ି ସଭାପତି ସରୋଜ କର୍ଣ୍ଣ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ଏବଂ ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ କନ୍ଧମାଳ




ଜିଲ୍ଲାର ୧୨ଟି ବ୍ଲକ୍‌ରୁ ବିଜେଡି କର୍ମକର୍ତ୍ତା, ବ୍ଲକ୍ ଅଧ୍ୟକ୍ଷ ଓ ଟିକେଟ ପାଇଥିବା ୧୮ଟି ଜିଲ୍ଲା ପରିଷଦ ଜୋନର ସଭ୍ୟ ଓ ସଭାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହାକୁ ପାଥେୟ କରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଯେଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଶ୍ରୀ ସାମନ୍ତ ସମସ୍ତ କର୍ମୀଙ୍କ ସହଯୋଗ କାମନା କରିଥିଲେ।

## ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ

ଅନୁଗୋଳ, ୨୭।୧(ପି.ଏନ) : ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ୭୩ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ କୋଭିଡ-୧୯ ମହାମାରୀର ସମସ୍ତ ପ୍ରତିଷେଧକମୂଳକ ନିର୍ଦ୍ଦେଶାବଳୀ ସହ ପାଳିତ ହୋଇଯାଇଅଛି କ୍ଷଜିନ୍ଦଲ ନଗର ସ୍ଥିତ ଓପି ଜିନ୍ଦଲ ସ୍କୁଲ ପରିସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଜେଏସପିଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ଶ୍ରୀ ହୃଦୟେଶ୍ୱର ଝାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାମୋଦର ମିତ୍ତଲ, ଶ୍ରୀ ସବ୍ୟସାଚୀ ବନ୍ଦୋପାଧ୍ୟାୟ,ଓପି ଜିନ୍ଦଲ ସ୍କୁଲର ଅଧ୍ୟକ୍ଷ ଶ୍ରୀ ଅତନୁ ରଥଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଯୋଗଦାନ କରିଥିଲେ । ଏହି ଅବସରରେ ଶ୍ରୀ ଝାଜେଏସପି ନିରାପତ୍ତା ଦଳଙ୍କ ଠାରୁ ଗାର୍ଡ ଅଫ ଅନର ଗ୍ରହଣ କରି ଉପସ୍ଥିତ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେକ୍ଷ ନିଜ ଅଭିଭାଷଣରେ ଶ୍ରୀ ଝା ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ସ୍ମରଣ କରାଇବା ସହ ଆମ୍ଭ ରାଷ୍ଟ୍ରସମଗ୍ର ବିଶ୍ୱର



ଗୁରୁ ହେବାର ସମସ୍ତ କ୍ଷମତା ରଖିଛି ବୋଲି ପ୍ରକାଶ କରିଥିଲେକ୍ଷଶ୍ରୀ ଝା ୟୁନିଟର ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପ୍ରତ୍ୟେକ କର୍ମଜୀବୀଙ୍କୁ ଅଭିନନ୍ଦନ ଜଣାଇବା ସହ କୋଭିଡ ସମୟର ବାଧକତା ସତ୍ତ୍ୱେ କର୍ମଚାରୀଙ୍କ ସକ୍ରିୟ ଯୋଗୋଦାନଫଳରେ ଉତ୍ପାଦନ ଏବଂ ଯୋଗାଣ କ୍ଷେତ୍ରରେଜେଏସପି ଅନୁଗୋଳ ନୂତନ କୀର୍ତିମାନ ସ୍ଥାପନ କରିପାରିଛି ବୋଲି ପ୍ରକାଶ କରିଥିଲେ । ଶ୍ରୀ ଝା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସପି ଫାଉଣ୍ଡେସନର ସମାଜ ମଙ୍ଗଳ କାର୍ଯ୍ୟ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ଏହା କିପରି ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ସମାଜର ସାମଗ୍ରିକ ଉନ୍ନତି ନିମନ୍ତେନିରନ୍ତର କାର୍ଯ୍ୟ କରୁଅଛି ।ଓପି ଜିନ୍ଦଲ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସଙ୍ଗୀତା ଶର୍ମା କାର୍ଯ୍ୟକ୍ରମ ସଂଚାଳନ କରିବା ସହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।ସେହିଭଳି ବଡମହିତଳା ସ୍ଥିତ ପୁନର୍ବାସ ଏବଂ ପୁନଃ ଥଇଥାନ କୋଲୋନୀ ଠାରେ ଥିବା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ଏବଂ ଅନୁଗୋଳ ସ୍ଥିତ ଓ.ପି ଜିନ୍ଦଲ କମ୍ୟୁନିଟି କୋଲେଜ ଠାରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ ସହ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଅଛି ।

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସମୀକ୍ଷା : ସତର୍କ ରହିବା ସହିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୨୭।୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍ଫରେନ୍ସିଂ ଜରିଆରେ କୋଭିଡ-୧୯ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ସତର୍କ ରହିବା ସହିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ତା ସହିତ ବରିଷ୍ଠ ନାଗରିକ ଓ ସମ୍ମୁଖ ଯୋଦ୍ଧା ମାନଙ୍କୁ ବୁଷ୍ଟର ଡୋଜ ଦେବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ସକ୍ରିୟ କୋଭିଡ ରୋଗୀ ସଂଖ୍ୟା ସ୍ଥିର ରହିଥିବା ବେଳେ ନୂଆ ପଜିଟିଭ କେସ୍ ରେ ମଧ୍ୟ ହ୍ରାସ ଘଟିଛି । ତୃତୀୟ ଲହରରେ ଡାକ୍ତରଖାନା ଉପରେ ବିଶେଷ ଚାପ ପଡିନାହିଁ । କିନ୍ତୁ ଏଥିରେ ଆତ୍ମସନ୍ତୋଷର ସ୍ଥାନ ନାହିଁ। ସଂପୂର୍ଣ୍ଣ ପ୍ରସ୍ତୁତ ରହି ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ତା ସହିତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ସକ୍ରିୟ ସହଯୋଗରେ ସାରା ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଜନସାଧାରଣ ଯେପରି କୋଭିଡ ସୁରକ୍ଷା ନିୟମାବଳୀ ଠିକ୍ ଭାବରେ ପାଳନ କରନ୍ତି, ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପୋଲିସକୁ ପରାମର୍ଶ ଦେଇଥିଲେ ।ସେହିପରି ପୃଥକ ବାସରେ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ ରାପିଡ୍ ରେସପନ୍ସ ଟିମ୍ ଓ କ୍ଷେତ୍ର କର୍ମଚାରୀ ମାନେ ଠିକ୍ ଭାବରେ ତଦାରଖ କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ଆତଙ୍କିତ ନ ହୋଇ କୋଭିଡ ସୁରକ୍ଷା ନିୟମାବଳୀକୁ ସଠିକ୍ ଭାବରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କୋଭିଡ ନିୟମାବଳୀର ପରିପାଳନ ନିମନ୍ତେ ପ୍ରଶାସନ ନେଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର .କେ ଶର୍ମା ରାଜ୍ୟରେ କୋଭିଡ ସ୍ଥିତି ସଂପର୍କରେ ଏକ ବିସ୍ତୃତ ଚିତ୍ର ଉପସ୍ଥାପନା କରିଥିଲେ। ରାଜ୍ୟରେ ଦୈନିକ ଟେଷ୍ଟିଂ ୬୫ ହଜାରରୁ ୭୦ ହଜାର ରହିଥିବା ବେଳେ, ପଜିଟିଭିଟି ହାର ୧୧.୪ ପ୍ରତିଶତ ରହିଛି । ଯାହାକି ଜାତୀୟ ହାର ଠାରୁ କମ୍ ଅଟେ। ଯାଜପୁର, ବାଲେଶ୍ୱର, କଟକ, ସୁନ୍ଦରଗଡ ଓ ଖୋର୍ଦ୍ଧାରେ ପଜିଟିଭିଟି ହାର ତୁଳନାତ୍ମକ ଭାବେ ଅଧିକ ଅଛି ବୋଲି ସେ ସୂଚନା ଦେଇଥିଲେ । ସେହିପରି ଟିକାକରଣ ସ୍ଥିତି ମଧ୍ୟ ସନ୍ତୋଷଜନକ ରହିଛି ବୋଲି ଶ୍ରୀ ଶର୍ମା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଓ କଟକ ମ୍ୟୁନିସପାଲ କମିଶନର ଏବଂ ଖୋର୍ଦ୍ଧା ଓ ରାୟଗଡାର ଜିଲ୍ଲାପାଳ ମାନେ ସେମାନଙ୍କ ଅଂଚଳର ପରିସ୍ଥିତି ସଂପର୍କରେ ବୈଠକରେ ଉପସ୍ଥାପନା କରିଥିଲେ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ


© Reuters

ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜାନୁଆରୀ ୨୮

# ଶୋଭନୀୟ ପରଂପରା ବନାମ ଅଶୋଭନୀୟ ଆଚରଣ !



ଯେଉଁମାନଙ୍କୁ ଆମେ ମହାପୁରୁଷ, ପ୍ରବାଦପୁରୁଷ ଅଥବା ମହାନ୍ ବ୍ୟକ୍ତିତ୍ୱ ବୋଲି ଗ୍ରହଣ କରିଛୁ ସେମାନଙ୍କର ଦିବଂଗତରେ ଆମେ ତାଙ୍କ ଲାଗି କ'ଣ କରୁ ବା ନକରୁ, ଅନ୍ତତଃ ଦୁଇଟି କଥା କରୁ। ପ୍ରଥମତଃ ତାଙ୍କ ଜୟନ୍ତୀ ପାଳନ ଏବଂ ଦ୍ୱିତୀୟତଃ ତାଙ୍କ ଶ୍ରାଦ୍ଧବାର୍ଷିକୀମାନଙ୍କରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ। ତେବେ ଜୟନ୍ତୀ ପାଳନଟି ଉଭୟ ଜୀବଦଶା ଏବଂ ଦିବଂଗତରେ ପାଳନ ହେଉଥିବା ବେଳେ ଶ୍ରଦ୍ଧାଂଜଳି ଜ୍ଞାପନଟି କେବଳ ଦିବଂଗତରେ ହୋଇଥାଏ। ପୃଥିବୀ ଇତିହାସରେ ବୋଧହୁଏ ଏକମାତ୍ର ବ୍ୟକ୍ତିତ୍ୱ ହେଉଛନ୍ତି ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଯାହାଙ୍କର ଏଯାବତ୍ କେବଳ ଜୟନ୍ତୀ ପାଳନ ହୁଏ, ମାତ୍ର ଶ୍ରଦ୍ଧାଂଜଳି ନୁହେଁ। ନେତାଜୀ ଏଯାବତ୍ ଜୀବିତ ନା' ମୃତ ତାହାର କିଛି ଠୋସ୍ ପ୍ରମାଣ ନାହିଁ। ସେ ଏକ ବିତର୍କିତ ବ୍ୟକ୍ତିତ୍ୱ ଯାହାର ମୃତ୍ୟୁ ଯଦି ହୋଇଥାଏ ଏକ ରହସ୍ୟାବୃତ। ଏଇଥିପାଇଁ ତାଙ୍କୁ ନେଇ ତାଙ୍କର ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଏ ନାହିଁ ଯଦିଓ ଏ ଭିତରେ ତାଙ୍କ ଜନ୍ମରୁ ତାଙ୍କୁ ଶତାଧିକ ବୟସ ଅତିକ୍ରମ କରିଗଲାଣି। ଏମିତି ବି ଯଦି ମୃତ୍ୟୁ ହୋଇଥାଏ, ତାହାବି ସ୍ୱାଭାବିକ ହୋଇପାରିଥାଏ ଅଥଚ କେବେ ଓ କେଉଁଠି, ତାହାର ପ୍ରମାଣ କାହା ପାଖରେ ନାହିଁ।

ଜାନୁୟାରୀ ୨୩ରେ ପ୍ରତିବର୍ଷ ନେତାଜୀଙ୍କ ଜନ୍ମଜୟନ୍ତୀ ପାଳନ ହୁଏ। ସେଦିନ ଶ୍ରଦ୍ଧାଳୁମାନେ ତାଙ୍କ ଚିତ୍ର ପ୍ରତିମା ଅଥବା ତୈଳ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଭକ୍ତିପୂତ ସମ୍ମାନ ପ୍ରଦାନ କରନ୍ତି। କାରଣ ସେ ଆମ ଭାରତୀୟମାନଙ୍କ ପାଇଁ ଜଣେ ମହାପୁରୁଷ ଯିଏକି ଇଂରେଜ କବଳରୁ ଭାରତର ମୁକ୍ତି ପାଇଁ ସଂଗ୍ରାମୀପୁରୁଷ ଥିଲେ ଏବଂ ଯିଏ କହିଥିଲେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି। ସେ ଥିଲେ ଭାରତର ମୁକ୍ତି ସଂଗ୍ରାମର ଜଣେ ପଦାତିକ ଯୋଦ୍ଧା ଯାହାର ସ୍ୱର ଥିଲା 'ଦିଲ୍ଲୀ ଚଲୋ'। ଅନେକ ମହାପୁରୁଷଙ୍କ ଜନ୍ମଦିବସକୁ ସରକାରୀ ବା ବେସରକାରୀ ଦପ୍ତରମାନଙ୍କରେ ଛୁଟି ଦିବସ ରୂପେ ଘୋଷଣା କରାଯାଇଛି। ଏହାର ଅର୍ଥ ନୁହେଁ ଏ ଛୁଟି ଦିବସରେ ଘରେ ବସି ମଉଜ ମଜଲିସ୍ କରିବା ବା କୋଉ ଭିନ୍ନ ଢଙ୍ଗରେ ଜୀବନ ବିତାଇବା। ଏହାର ଅର୍ଥ ବ୍ୟକ୍ତିଗତ ସ୍ତରରେ ଅଥବା ସମବେତ ଭାବେ ତାଙ୍କ ସଂପର୍କରେ ସଭାସମିତି କରିବା, ଭାଷଣ ଦେବା, ଆଲୋଚନା କରିବା ଅଥବା ତାଙ୍କ କାର୍ଯ୍ୟାବଳୀ ଉପରେ ଦୃଷ୍ଟିପାତ କରାଇ ନିଜକୁ ତାଙ୍କ ଆଦର୍ଶରେ ତୋଳିବା ପାଇଁ ଚେଷ୍ଟା କରିବା। ଆନ୍ତର୍ଜାତିକ, ଜାତୀୟ ଅଥବା ସ୍ଥାନୀୟ ବିଶେଷତ୍ୱ ନେଇ ଏ ପ୍ରକାର ବ୍ୟକ୍ତିତ୍ୱମାନଙ୍କୁ କାହାକୁ ଆନ୍ତର୍ଜାତିକ ସ୍ତରରେ, କାହାକୁ ଜାତୀୟ ବା କାହାକୁ ରାଜ୍ୟସ୍ତରରେ ପ୍ରାଧାନ୍ୟ ଦିଆଯାଇଥାଏ। ଯେମିତି ଏକାଦିନରେ ଜନ୍ମ ହୋଇଥିବା ନେତାଜୀଙ୍କୁ ଜାତୀୟ ସ୍ତରରେ ସମ୍ମାନ ଦେଲାବେଳେ. ସୁରେନ୍ଦ୍ର ସାଏଙ୍କୁ ରାଜ୍ୟସ୍ତରରେ ଗୁରୁତ୍ୱ ଦିଆଯାଇଥାଏ; ମହାତ୍ମା ଗାନ୍ଧି ଓ ଲାଲବାହାଦୂର ଶାସ୍ତ୍ରୀ ଏ ଦୁହେଁ ଏକା ତାରିଖରେ ଜନ୍ମ ହେଲେହେଁ, ମହାତ୍ମାଗାନ୍ଧି ବିଶ୍ୱସ୍ତରରେ ବ୍ୟକ୍ତିତ୍ୱ ଥିବାବେଳେ, ଶାସ୍ତ୍ରୀଜୀ ଜାତୀୟ ସ୍ତରର ବ୍ୟକ୍ତିତ୍ୱ ଅଟନ୍ତି। ଏମାନଙ୍କୁ କେନ୍ଦ୍ରସ୍ତରରେ ସଂସଦ ଭବନରେ ଏବଂ ରାଜ୍ୟସ୍ତରରେ ବିଧାନ ଭବନରେ ଜନ୍ମ ଦିବସର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଏ। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ଥାଏ, ଯେଉଁଠି ଉଭୟ ସରକାରୀ ଓ ବିରୋଧିଦଳର ସଦସ୍ୟ ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିତ୍ୱମାନେ ସମବେତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି। ଏହାହିଁ ପୂଜ୍ୟପୂଜାର ପରମ୍ପରା।

ଗତ ଜାନୁୟାରୀ ୨୩, ୨୦୧୪ ତାରିଖ ଥିଲା ନେତାଜୀଙ୍କ ଜୟନ୍ତୀ ଦିବସ। ଅନ୍ୟାନ୍ୟ ବ୍ୟକ୍ତିତ୍ୱମାନଙ୍କ ପରି ନେତାଜୀଙ୍କର ତୈଳଚିତ୍ରଟିଏ ସଂସଦର କେନ୍ଦ୍ରୀୟ କକ୍ଷରେ ରଖାଯାଇଛି। ଏହାକୁ ୨୩ ଜାନୁୟାରୀ ୧୯୭୮ ଦିନ ତତ୍‌କାଳୀନ ରାଷ୍ଟ୍ରପତି ନୀଲମ୍ ସଂଜୀବ ରେଡିଙ୍କ ଦ୍ୱାରା ଅନବୀକରଣ କରାଯାଇଥିଲା। ପରମ୍ପରା ଅନୁଯାୟୀ ସମସ୍ତ ସାଂସଦ, ମନ୍ତ୍ରୀ, ଓ ରାଷ୍ଟ୍ରପତି ତଥା ଉଚ୍ଚ ରାଜକର୍ମଚାରୀମାନେ ସେଠାରେ ତାଙ୍କ ଜନ୍ମଦିନରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପସ୍ଥିତ ରହି ତାଙ୍କ ପ୍ରତି ଭକ୍ତିସୁମନ ଅର୍ପଣ କରିବା କଥା; କିନ୍ତୁ ଦୁଃଖ ଏହି ଯେ ଚଳିତ ବର୍ଷ ମାତ୍ର ସେଠାରେ ଜଣେ ସାଂସଦ, ଲାଲକୃଷ୍ଣ ଆଡ଼ଭାନୀଙ୍କ ସହ ୨/୩ ଜଣ ଅବସରପ୍ରାପ୍ତ ସାଂସଦ ଉପସ୍ଥିତ ଥିଲେ। ଏଠାରେ ସୂଚାଇ ଦେଉ ଯେ ଲୋକସଭାର ସଦସ୍ୟ ସଂଖ୍ୟା ୫୪୭ ଏବଂ ରାଜ୍ୟସଭାର ସଦସ୍ୟ ସଂଖ୍ୟା ୨୫୦। ତେବେ ଆଡ଼ଭାନୀଙ୍କ ବ୍ୟକ୍ତିତ୍ୱ, ଅନ୍ୟମାନେ ଗଲେ କୁଆଡ଼େ? ଆହୁରି ହାସ୍ୟାସ୍ପଦ କଥା ଏହି ଯେ ସୁବାଷ ବୋଷଙ୍କୁ ଆମ "ମାଟିର ମଣିଷ" ବୋଲି ଦାବୀ କରୁଥିବା ତୃଣମୂଳ କଂଗ୍ରେସ ଏବଂ ଫରୱାର୍ଡ ବ୍ଲକର ଜଣେ ବି କେହି ଉପସ୍ଥିତି ନଥିଲେ। ଏଣୁ ଏପରି ଦାବୀ କରିବାର ମାନେ କ'ଣ? ଏହା କ'ଣ ପୂଜ୍ୟମାନଙ୍କ ପ୍ରତି ପୂଜାର ଏକ ନଜିର? କଥାରେ ଅଛି: ରାଜଧର୍ମ ହିଁ ପ୍ରଜାଧର୍ମ। ମହତ୍‌ମାନେ ଯାହା ଆଚରନ୍ତି, ଇତରମାନେ ତାହାହିଁ କରନ୍ତି। ଏବେ ଆମେ ଏମାନଙ୍କୁ କେଉଁ ଶ୍ରେଣୀଭୁକ୍ତ କରିବା? ଏମାନେ ପୁଣି ଲୋକପ୍ରତିନିଧି, ଏ ଜାତିର ନିୟନ୍ତ୍ରକ ଓ ପଥପ୍ରଦର୍ଶକ। ଏ ନେତାମାନଙ୍କର ଏତାଦୃଶ ଉଲଂଘନୀୟ କାର୍ଯ୍ୟ ଆଦୌ କ୍ଷମଣୀୟ ନୁହେଁ। ସେମାନେ କାହିଁକି ଏକଥା କଲେ, ସେଥିନେଇ ଜନତା ଦରବାରରେ ତା'ର କୈଫିୟତ ଦିଅନ୍ତୁ ଏବଂ ଗଣମାଧ୍ୟମ ଜରିଆରେ କ୍ଷମାପ୍ରାର୍ଥନା କରନ୍ତୁ। ଖାଲି ସେତିକି ନୁହେଁ, ସଂସଦ ଭବନରେ ନିଜ ବିରୁଦ୍ଧରେ ନିଜେ ନିନ୍ଦା ପ୍ରସ୍ତାବ ଆଣନ୍ତୁ।

ଏହା ଏକ ଜଘନ୍ୟ ଅପରାଧ। ଏହା ଏକ ସୁସ୍ଥ ପରମ୍ପରାର ପରିପନ୍ଥୀ। ଅବଶ୍ୟ ସେମାନେ ଏ ନେଇ ଦୁଃଖପ୍ରକାଶ ନକଲେ ହେଁ, ଆମେ ଦେଶବାସୀ ଏହାର ତୀବ୍ରନିନ୍ଦା କରୁଅଛୁ ଏହା ସାଂସଦମାନଙ୍କର ଏକ ଅଶୋଭନୀୟ ଆଚରଣ ବୋଲି ଘୋଷଣା କରୁଛୁ ଏବଂ ଏ ପ୍ରକାର ହୀନ ପ୍ରୟାସ, ଯେପରି ପରବର୍ତ୍ତୀ ସମୟରେ ନଘଟେ, ସେଥିପାଇଁ ସୂଚାଇ ଦେଉଛୁ। ଜାଣ ଯେ ସମ୍ମାନ ଦେଇ ଶିଖିଲେ ସମ୍ମାନର ଅଧିକାରୀ ହେବା କଥାଟି ନିଶ୍ଚିତ ସତ୍ୟ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଆଜିର ଅନୁଚିନ୍ତା

**ଏପରି ଖାଦ୍ୟ ସଂଗ୍ରହ କର, ଯାହାକୁ ଖାଇଲେ ଆଉ ଜୀବନସାରା କ୍ଷୁଧା ହେବ ନାହିଁ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଦୋଦୁଲ୍ୟମାନ ଏର୍ଦୋଗାନ

**ସୌମେନ୍ଦ୍ର ଜେନା**



କୋରୋନା ଲହର ଯୋଗୁ ପୃଥିବୀର ଅନେକ ଦେଶରେ ଜନଜୀବନର ଯେ କ୍ଷତି ହୋଇଛି ତା' ନୁହେଁ ବିକାଶ ହୋଇଛି ବାଧାପ୍ରାପ୍ତ ଓ ଅର୍ଥନୀତି ହୋଇଛି ସଂକୁଚିତ। ବ୍ୟାଙ୍କର କାରବାର, ଖାଉଟୀ ବଜାରର ଦର ସବୁଠି ସୃଷ୍ଟି ହୋଇଛି ସଙ୍କଟ। ତେଣୁ ଗୋଟିଏ ପଟେ ସଟଡାଉନ ଓ ଲକ୍‌ଡାଉନର ଧାରା ଜାରି ରହିଥିବା ସମୟରେ ଅନ୍ୟପଟେ ଆର୍ଥିକ ପରିସ୍ଥିତିକୁ କେମିତି ସମ୍ଭାଳି ହେବ, ତାହା ଏକ ବଡ ପ୍ରଶ୍ନ ହୋଇଛି। ଏହିସବୁ ଆହ୍ୱାନ ମଧ୍ୟରେ ଅନେକ ଦେଶରେ ଶାସନରେ ଥିବା ଲୋକେ ପାଗଳାମୀ ଦ୍ୱାରା କିପରି ବ୍ୟବସ୍ଥାକୁ ଭାଙ୍ଗିବାର କାରଣ ହୋଇଥା'ନ୍ତି ତାର ଜ୍ୱଳନ୍ତ ଉଦାହରଣ ହେଲେ ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ। ତାଙ୍କର ସଂକୀର୍ଣ୍ଣ ଦୃଷ୍ଟିକୋଣ, କ୍ଷମତାକୈନ୍ଦ୍ରିକ ବିଚାରଧାରା କିପରି ତୁର୍କୀର ଅର୍ଥ ବ୍ୟବସ୍ଥାକୁ ଏବେ ସଙ୍କଟାପନ୍ନ କରିଛି ତାହା ବେଶ୍ ସ୍ପଷ୍ଟ। କୋରୋନା ଯୋଗୁ ଉତ୍ପାଦନ, ଯୋଗାଣରେ ସବୁଠି ସମସ୍ୟା ସୃଷ୍ଟି ହୋଇଛି। ଶ୍ରମିକଙ୍କ ଅଭାବ, କଳକାରଖାନା ବନ୍ଦ ରହିବା, ଯାନବାହନ ଚଳାଚଳ ନକରିବା ଫଳରେ ସବୁ ଦେଶରେ ବାଣିଜ୍ୟ ହ୍ରାସ ହୋଇଛି। ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମେରିକା ଡଲାରର ସୁଧ ହାର ବୃଦ୍ଧି କରିବା ସହ ଅଧିକ ନୋଟ ଛାପିଲା, ଭାରତ ଓ ଚୀନ ନିଜର ବିଦେଶୀ ମୁଦ୍ରା ଭଣ୍ଡାର ଖୋଲି ଖର୍ଚ୍ଚ କରିବାକୁ ଉଦ୍ୟମ କଲେ। ଅଥଚ ତୁର୍କୀର ରାଷ୍ଟ୍ରପତି ଏଠାର ଠିକ୍ ଓଲଟା ମାର୍ଗରେ ଯାଇ ନିଜ ଦେଶର ମୁଦ୍ରା ଲିରାକୁ ଇସଲାମ ଧର୍ମ ସହ ଯୋଡିଲେ। ସୁଧ ହାର ବୃଦ୍ଧିପାଇଁ ଇସ୍‌ଲାମ ଅନୁମତି ଦେଇନାହିଁ ବୋଲି କହି ସୁଧହାର ହ୍ରାସ କଲେ। ଆର୍ଥିକ ବଜାରରେ ସନ୍ତୁଳନ ଆଣିବା ପରିବର୍ତ୍ତେ ସେ ବଜାରକୁ ଭାଙ୍ଗିବା ଠିକ୍ ମନେକଲେ।

କେବଳ ଏତିକି ନୁହେଁ ଗତ ଦୁଇବର୍ଷ ମଧ୍ୟରେ ସଙ୍କଟ କାଳରେ ସଂଯମତା ନରଖି ୧୬୫ ବିଲିଅନ ଡଲାର ହାତଖୋଲା ଖର୍ଚ୍ଚ କଲେ। ସିରିଆଠାରୁ ନାଗାର୍ଣ୍ଣୋ-କାରାବାଖ, କାଶ୍ମୀରଠାରୁ କାବୁଲ ପର୍ଯ୍ୟନ୍ତ ସବୁଠି ତୁର୍କୀର ଜବରଦସ୍ତ ଭୂମିକା ରଖିବା ପାଇଁ ଉଦ୍ୟମ କଲେ। ନିଜକୁ ବର୍ତ୍ତମାନର ଅଟୋମନ ସାମ୍ରାଜ୍ୟର ଖଲିଫା ମନେକରି ବିଶ୍ୱବିଜୟୀ ହେବାକୁ ଚାହିଁଲେ। ଫଳରେ ଭାରତର ସବ୍‌ମେରିନ୍ ନିର୍ମାଣ ଦୌଡରୁ ତୁର୍କୀକୁ ବାଦ କରାଗଲା। ଲିବିୟା, ୟୁକ୍ରେନରେ ତୁର୍କୀର ଡ୍ରୋନ୍ ଯୋଗାଣକୁ ରୁଷିଆ ଭିନ୍ନ ଦୃଷ୍ଟିରେ ଦେଖି ବିରୋଧ କଲା। ସିରିଆରେ ତୁର୍କୀର ଆଭିମୁଖ୍ୟକୁ ଆମେରିକା ସରକାର ବିରୋଧ କଲେ। ନାଟୋର ସଦସ୍ୟ ରହିଥିବା ତୁର୍କୀକୁ ଆମେରିକା ସହାୟତାର ସମୀକ୍ଷା କରିବାକୁ କହିଲା। ମଧ୍ୟପ୍ରାଚ୍ୟର ସାଉଦି ଆରବ, ୟୁଏଇ, କାତାର ଆଦି ରାଷ୍ଟ୍ର ତୁର୍କୀର ଚୌଧୁରୀପଣିଆକୁ ବିରୋଧ କରିବାକୁ ଲାଗିଲେ। ଆର୍ମେନିଆ, ପର୍ତ୍ତୁଗାଲ ଓ ଗ୍ରୀସ ପରି ତୁର୍କୀର ଶତ୍ରୁ ରାଷ୍ଟ୍ରଗୁଡିକ ସହ ଭାରତର ମିତ୍ରତା ବୃଦ୍ଧି ଓ କ୍ଷେପଣାସ୍ତ୍ର ବିକ୍ରିନେଇ ଆଲୋଚନା ହେଲା। ଏସିଆ-ଇଉରୋପର ପ୍ରବେଶ ଦ୍ୱାର ଭାବେ ପରିଚିତ ତୁର୍କୀ ମଧଦେଇ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପକୁ ପ୍ରବେଶ କରିବା ଉଦ୍ୟମକୁ ଇଉରୋପୀୟ ୟୁନିଅନ୍ ସମେତ ଅନେକ ରାଷ୍ଟ୍ରରେ ବିରୋଧ କରାଯିବା ଯୋଗୁ ଏର୍ଦୋଗାନଙ୍କ ବିଦେଶରେ ବନ୍ଧୁ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇଲା।

ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ। ତା'ର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ। ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା। ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏର୍ଦୋଗାନଙ୍କ ସହଯୋଗୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅହମତ ଡାଭୁଟୋଗ୍‌ଲୁ ନିଜର ଏକ ଦଳ ଫ୍ୟୁଚର ପାର୍ଟି ୨୦୧୯ ଡିସେମ୍ବରରେ ଗଢିଲେ। ସେମିତି ଏର୍ଦୋଗାନଙ୍କ ସହଯୋଗୀ ଥିବା ଅଲି ବାବାକାନ ଦେବାପାର୍ଟି ଗଢିଛନ୍ତି। ତୁର୍କୀର ଆର୍ଥିକ ଜଗତରେ ବାବାକାନଙ୍କୁ ସବୁଠୁ ବଡ ବ୍ୟକ୍ତିତ୍ୱ ଭାବେ ଗଣାଯାଇଥାଏ। ବାବାକାନ୍‌ଙ୍କ ଦଳରେ ୩୦ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ରଖିବା ସପକ୍ଷରେ ତୁର୍କୀ ମହିଳା ଉଦ୍ୟୋଗୀ ସଂଗଠନର ପ୍ରତିଷ୍ଠାତ୍ରୀ ସାନେମ୍ ଓକ୍‌ତାର ଯୁକ୍ତି ବାଢିଛନ୍ତି। ଗଣତନ୍ତ୍ର, ସ୍ୱାଧୀନତା, ସମାନତା ଆଦି ଆଭିମୁଖ୍ୟ ନେଇ ଦଳ ତୁର୍କୀର ଜନତାଙ୍କୁ ଆକୃଷ୍ଟ କରିବ ଏବଂ ଏର୍ଦୋଗାନଙ୍କ ଶାସନର ଅନ୍ତ ଘଟିବ ବୋଲି ସେ କହନ୍ତି।

ତୁର୍କୀର ଶାସକଦଳ ଏକେପି ଗତ ଦୁଇଦଶନ୍ଧି ହେଲା କ୍ଷମତାରେ ରହିବା ଫଳରେ ଏର୍ଦୋଗାନ କ୍ଷମତାର କେନ୍ଦ୍ରୀକରଣ କରି ନିଜ ପରିବାର ଲୋକଙ୍କୁ ଥଇଥାନ କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରୁଛନ୍ତି। ସେହିପରି ଦୁର୍ନୀତି ଅଭିଯୋଗ ଆଣି ଏର୍ଦୋଗାନଙ୍କ ସହଯୋଗୀ ଅବଡୁଲ୍ଲାତିଫ ସେନେର ପୂର୍ବରୁ ଦଳ ଛାଡି ଅନ୍ୟ ଏକ ଦଳ ତୁର୍କୀ ପାର୍ଟି ଗଠନ କରିଥିଲେ। ଏର୍ଦୋଗାନଙ୍କ ଗଡ ଭାବେ ପରିଚିତ ଇସ୍ତାନବୁଲର ଉସ୍କୁଦାର ଜିଲ୍ଲା ମଧ୍ୟ ଏକେପି ହାତରୁ ଖସିବାରେ ଲାଗିଛି। ଦେଶରେ ୨୦୨୩ରେ ନିର୍ବାଚନ ହେବାକୁ ରହିଛି। ୨୦୦୩ରୁ ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତି ପଦରେ ଏର୍ଦୋଗାନ ରହିଆସିଛନ୍ତି। ଏର୍ଦୋଗାନଙ୍କ ଜଷ୍ଟିସ ଏଣ୍ଡ ଡେଭଲପମେଣ୍ଟ ପାର୍ଟି ଏବେ ସବୁଆଡୁ ସମାଲୋଚନାର ସମ୍ମୁଖୀନ ହେବାରେ ଲାଗିଛି। କାରଣ ଗତ ୧୦ ବର୍ଷରେ ଡଲାର ତୁଳନାରେ ତୁର୍କୀର ମୁଦ୍ରା ଲିରା ୭୫ ଭାଗ ମୂଲ୍ୟ ହରାଇଛି। ଦେଶରେ ମୂଲ୍ୟବୃଦ୍ଧି ୫୦ ପ୍ରତିଶତ ବଢ଼ିଛି। ଗତ ଏକବର୍ଷ ମଧ୍ୟରେ ଲିରା ୪୫ ପ୍ରତିଶତ ମୂଲ୍ୟ ହରାଇଛି। ଦେଶରେ ମୁଦ୍ରାସ୍ଫୀତି ୨୧.୩ ପ୍ରତିଶତ ବଢ଼ିଛି। ଏର୍ଦୋଗାନଙ୍କ ଚାପରେ ତୁର୍କୀର ବ୍ୟାଙ୍କ ସୁଧ ହାର ୧୯ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରିଛି। ଫଳରେ ଡଲାର ପିଛା ଲିରା ୧୪ରେ ପହଞ୍ଚିଛି। ତେଣୁ ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ଦାୟିତ୍ୱରେ ଥିବା ନାସି ଅଗବଲଙ୍କ ସ୍ଥାନରେ ସାହାପ କାଭାସିଏଗ୍ଲୁଙ୍କୁ ନିଯୁକ୍ତ କରାଯାଇଛି।

କହିବାକୁ ଗଲେ, ୨୦୦୨ ନିର୍ବାଚନଠାରୁ ଆଜି ପର୍ଯ୍ୟନ୍ତ ଏକେପି ଦଳର ଆର୍ଥିକ ନୀତିକୁ ଏର୍ଦୋଗାନ ହିଁ ପରିଚାଳନା କରି ଆସୁଛନ୍ତି। ଦେଶର କମ୍ ସଞ୍ଚୟ ଯୋଗୁ ସମସ୍ୟା ବଢ଼ିଛି। ତୁର୍କୀର ଚଳନ୍ତି ଜମାଖାତାର ନିଅଣ୍ଟ ପରିମାଣ ୨୦୧୬ରେ ୩୩.୧ ବିଲିଅନ ଡଲାର, ୨୦୧୭ରେ ୪୭.୩ ବିଲିଅନ ଡଲାର, ୨୦୧୮ରେ ୫୧.୬ ବିଲିଅନ ଡଲାର ଥିଲା। ପ୍ରତିବର୍ଷ ଏହି ନିଅଣ୍ଟ ପରିମାଣର ଭରଣା ପାଇଁ ତୁର୍କୀକୁ ୨୦୦ ବିଲିଅନ ଡଲାର ଆବଶ୍ୟକ ହୋଇଥାଏ। କିନ୍ତୁ ବିଦେଶୀ ମୁଦ୍ରାଭଣ୍ଡାର ମାତ୍ର ୮୫ ବିଲିଅନ ଡଲାରରେ ସୀମିତ ରହିଛି। ବାହାର ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡରୁ ତୁର୍କୀକୁ ଆସୁଥିବା ଅର୍ଥ ହ୍ରାସ ପାଇଛି। ଏହାର କାରଣ ପଛରେ ନିଜେ ଏର୍ଦୋଗାନ ରହିଛନ୍ତି। ତାଙ୍କର ଏକାଧିପତ୍ୟ ମନୋଭାବ ଯୋଗୁ ୨୦୧୬ରେ ତଥାକଥିତ ସେନା ବିଦ୍ରୋହକୁ ଆଳକରି ସେ ଅନେକ ସଂପତ୍ତିକୁ ଜବତ କରିଦେଲେ, ଯାହାର ସେହି ଘଟଣା ସହ କୌଣସି ସଂପର୍କ ନଥିଲା।

ତୁର୍କୀର ଏହି ରାଜନୈତିକ ଅସ୍ଥିରତା ଯୋଗୁ ଅନେକ ବିଦେଶୀ କମ୍ପାନୀ ସେଠାରେ ପୁଞ୍ଜିନିବେଶ କରିବାକୁ ଚାହୁଁନାହାନ୍ତି। ଜାନୁଆରୀ-ମଇ ୨୦୧୭ରେ ବିଦେଶୀ ନିବେଶକମାନେ ତୁର୍କୀର ମୋଟ ୧୭.୫ ବିଲିଅନ ଜମା ନିଅଣ୍ଟରେ ୧୩.୨ ବିଲିଅନ ନିବେଶ କରିଥିଲେ। କିନ୍ତୁ ଠିକ୍ ସେହି ସମୟରେ ପରବର୍ଷ ୨୭.୩ ବିଲିଅନ ଡଲାର ନିଅଣ୍ଟିଆ କ୍ଷେତ୍ରରେ ମାତ୍ର ୭୩୬ ମିଲିଅନ ଡଲାର ନିବେଶ କରିଥିଲେ। ସେମିତି ୨୦୧୭ ବେଳକୁ ଦେଶର ବିଦେଶୀ ମୁଦ୍ରା ଋଣ ୨୧୪ ବିଲିଅନ ଡଲାରରେ ପହଞ୍ଚି ଯାଇଥିଲା। ୨୦୧୭ ଶେଷ ବେଳକୁ ତୁର୍କୀର ସରକାରୀ ଏବଂ ବେସରକାରୀ ଋଣ ମିଶି ୪୫୩.୨ ବିଲିଅନ ଡଲାର ହୋଇଥିଲା। ବିଦେଶୀ ଅଂଶଧନଧାରକଙ୍କ ଅଂଶ ଅଗଷ୍ଟ ୨୦୧୭ରେ ୯୨ ବିଲିଅନ ଡଲାର ଥିଲା, ଯାହା ଜୁଲାଇ ୨୦୧୭ ବେଳକୁ ହ୍ରାସ ପାଇ ୫୩ ବିଲିଅନ ଡଲାରକୁ ଖସିଆସିଲା।

ତୁର୍କୀର ମୋଟ ୨୨୪ ବିଲିଅନ ବିଦେଶୀ ଋଣ ମଧ୍ୟରେ ୮୩ ବିଲିଅନ ସ୍ପେନର, ୩୫ ବିଲିଅନ ଫ୍ରାନ୍ସର, ୧୮ ବିଲିଅନ ଇଟାଲୀର, ୧୭ ବିଲିଅନ ବ୍ରିଟେନର, ୧୩ ବିଲିଅନ ଜର୍ମାନୀ ବ୍ୟାଙ୍କର ରହିଛି। ଏବେ ଡଲାରର ମୂଲ୍ୟ ବୃଦ୍ଧି ପରେ ଏହି ଋଣର ପରିମାଣ ଢେର ବଢିଯିବ। ୩୧ ମଇ ୨୦୧୮ରେ ଇନଷ୍ଟିଚ୍ୟୁଟ ଅଫ୍ ଫାଇନାନ୍‌ସିଆଲ ରିସର୍ଚ୍ଚ କର୍ତ୍ତୃପକ୍ଷ ଲିରାର ସମସ୍ୟା କିପରି ଲେବାନନ, କଲମ୍ବିଆ, ଦକ୍ଷିଣ ଆଫ୍ରିକା ଏବଂ ଉତ୍ତର ସିରିଆକୁ ପ୍ରଭାବିତ କରିଛି, ସେ ସଂପର୍କରେ ସୂଚନା ଦେଇଥିଲେ। କ୍ରେଡିଟ ରେଟିଂ ଏଜେନ୍ସୀଗୁଡିକ ବିରୋଧରେ ଏର୍ଦୋଗାନଙ୍କ ବାରମ୍ବାର ସମାଲୋଚନା ଯୋଗୁ ୧୯ ଜାନୁଆରୀ ୨୦୧୮ରେ ଫିଚ୍ ରେଟିଂସ ନିଜର ଇସ୍ତାନବୁଲରେ ଥିବା କାର୍ଯ୍ୟାଳୟ ବନ୍ଦ କରିଥିଲା। ସେହିବର୍ଷ ୭ ମାର୍ଚ୍ଚରେ ମୁଡି ସଂସ୍ଥା ମଧ୍ୟ ତୁର୍କୀକୁ ବିଦେଶୀ ଋଣ ପ୍ରଭାବିତ କରିବ ବୋଲି କହିଥିଲା।

ଏଫ୍ରିନରେ ତୁର୍କୀସେନାର କାର୍ଯ୍ୟାନୁଷ୍ଠାନ ଆମେରିକା ସଂପର୍କକୁ ଖରାପ କରିବ ବୋଲି କହିଥିଲା। ହେଲେ ଏର୍ଦୋଗାନ ସେସବୁ ଚେତାବନୀକୁ ଗୁରୁତ୍ୱ ଦେଲେନାହିଁ। ଚଳିତବର୍ଷ ୧୧ ସେପ୍ଟେମ୍ବର ୨୦୨୧ରେ ରେଟିଂ ସଂସ୍ଥା ମୁଡି ତୁର୍କୀକୁ ବି-୨ ଶ୍ରେଣୀକୁ ଖସାଇଦେଲା। ୧୦ ଡିସେମ୍ବର ୨୦୨୧ରେ ଷ୍ଟାଣ୍ଡାର୍ଡ ଏଣ୍ଡ ପୁଅର୍ସ ସଂସ୍ଥା ତୁର୍କୀର ଆର୍ଥିକ ସ୍ଥିତି ଅଧିକ ଖରାପ ହେବ ବୋଲି କହିସାରିଛି। ୧୪ ଡିସେମ୍ବରରେ ସ୍ୱିଜରଲାଣ୍ଡର ବ୍ୟାଙ୍କ ୟୁବିଏସ୍ ନିଜ ଗ୍ରାହକଙ୍କ ପାଇଁ ଡଲାର-ଲିରାର ସୁବିଧାକୁ ବନ୍ଦ କଲା।

ଏର୍ଦୋଗାନ କ୍ଷମତାକୁ ଆସିବା ବେଳେ ଲିରାର ମୂଲ୍ୟ ସହ ଡଲାରର ମୂଲ୍ୟ ସମାନ ଥିଲାବେଳେ ଏବେ ତାହା ହ୍ରାସ ପାଇ ଡଲାର ପିଛା ୧୨ ଲିରାକୁ ପହଞ୍ଚିଛି। ଡିସେମ୍ବର ୨୦୨୧ତୃତୀୟ ସପ୍ତାହରେ ଏହା ୧୮.୪ ଲିରାକୁ ଖସିଯାଇଥିଲା। ଏହି ସ୍ଥିତିରେ ଲୋକେ ଲିରାକୁ ଡଲାରରେ ବଦଳାଇବା ଆରମ୍ଭ କରିଛନ୍ତି। କାରଣ ଲିରାର ମୂଲ୍ୟ ଅସ୍ଥିର ରହୁଛି। ଲୋକେ ବ୍ୟାଙ୍କଗୁଡିକ ଉପରେ ଭରସା କରିପାରୁନାହାନ୍ତି। ଏର୍ଦୋଗାନଙ୍କ ଭୁଲ ନୀତି ଯୋଗୁ ଏବେ ତାଙ୍କର ସ୍ଥିତି ଦୋଦୁଲ୍ୟମାନ ହୋଇଛି। ତୁର୍କୀରେ ଏର୍ଦୋଗାନଙ୍କ ଲୋକପ୍ରିୟତା ଇତିମଧ୍ୟରେ ୩୦ ପ୍ରତିଶତ ହ୍ରାସ ପାଇଛି। ଏହି ସ୍ଥିତି ଜାରି ରହିଲେ ତୁର୍କୀର ଆର୍ଥିକ ଭବିଷ୍ୟତ ସଙ୍କଟରେ ପଡିବ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ନିର୍ଲ୍ଲଜ

**ଆଚରଣ ଓ ଉଚ୍ଚାରଣ**
**...ଦାସେ...**

"ହରି ଯା'ର ମୁଖେ ଲଜ୍ୟା ନଏ ଆମେ ତାକେ ଡରି।" ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁରଙ୍କର ଏହି ଉକ୍ତିଟିର ବାସ୍ତବତା ପରିଲକ୍ଷିତ ହେଉଛି ଆମ ସମାଜରେ। ମାନେ ଆମେ ସମସ୍ତେ ଗୋଟିଏ ଗୋଟିଏ ନିର୍ଲ୍ଲଜ। ଆମେ ନିର୍ଲ୍ଲଜ ଏଇ ଦୃଷ୍ଟିରୁ ଯେ ଆମେ ଲେଖି ଲେଖି ନିର୍ଲ୍ଲଜ ଏବଂ ଯାହାପାଇଁ ଲେଖୁଛୁ ସେମାନେ ନ ପଢି ପଢି ନିର୍ଲ୍ଲଜ। ସେମାନେ ପଢୁନାହାନ୍ତି ତାଙ୍କ ବିଷୟରେ ଆମେ କିନ୍ତୁ ଅଲଜ୍ୟା, ବେଲଜ୍ୟା ଭାବରେ ଲେଖି ଚାଲିଛୁ ସେମାନଙ୍କ ଉପରେ।

ନିର୍ଲ୍ଲଜିଆମୀ ବିଷୟରେ ଗୋଟେ କଥା ଶୁଣନ୍ତୁ। ଭୁବନେଶ୍ୱରର କଳ୍ପନା ଛକରୁ ଥରେ କଟକ ଆସିଲାବେଳେ ବସ୍‌ରେ କୌଣସି ବସିବା ସ୍ଥାନ ନପାଇ କଣ୍ଡକ୍ଟର୍ ସିଟ୍‌ରେ ବାହାର କଡକୁ ବସିଲି। କାରଣ ଭିତର କଡକୁ ଏବେକାର ଆଧୁନିକ ନବ ବିବାହିତ (ମୁଣ୍ଡ ମଝି ସୁତାଣିରେ ବୋଝେ ସିନ୍ଦୁର ଲଦା, ଦୁଇ ଭ୍ରୁ ହାଡ ମଧ୍ୟରେ ଏକ ଟିକିଲି ଲଗା, ହାତକଟା ପଛେ ଗଣ୍ଠିପକା ସିଲ୍‌ସିଲା ବ୍ଲାଉଜ୍ ପିନ୍ଧା, କାନିଛଡା ଭ୍ୟାନିଟି ବ୍ୟାଗ୍ ପକା ଥାକଥାକିଆ କେଶ୍ କର୍ତ୍ତନ ଓ ଓଠକୁ ରଙ୍ଗ ମାରି ଚକ୍‌ଚକ୍ କରୁଥିବା!) ଜଣେ ନାରୀ ବସିଥିଲେ। ଯଦିଓ ବିବେକ ବାଧା ଦେଉଥିଲା ତଥାପି ବସିଲି। ସ୍ୱାମୀ ତାଙ୍କର ଗାଡି ଗଡିଲା ବେଳେ ହାତ ହଲେଇ ବିଦାୟ ଦେଲେ। ଗାଡି ରସୁଲଗଡ ପାଖରେ ପହଞ୍ଚିଛି କି ନାହିଁ ମହିଳା ଜଣକ ଢୁଳାଇବା ଆରମ୍ଭ କଲେଏବଂ ତାଙ୍କ ବାମ କଡେ ଥିବା କାଚରେ ପିଟି ହେଲେ। ଏ ଅବସ୍ଥା ଦେଖି କହିଲି, 'ଆପଣ ଏ କଡକୁ ବସନ୍ତୁ ନ ହେଲେ କଟକ ପହଞ୍ଚିଲା ବେଳକୁ ଆପଣଙ୍କ ମୁଣ୍ଡଟାର ଅବସ୍ଥା କ'ଣ ନାହିଁ ନା କ'ଣ ହୋଇଯିବ।' କିଛି ନ ଶୁଣିଲା ପରି ସେ ତାଙ୍କର କାର୍ଯ୍ୟକ୍ରମ ଜାରି ରଖିଲେ ମାନେ କାଚରେ ମଝିରେ ମଝିରେ ମୁଣ୍ଡପିଟା। କିଛି ସମୟପରେ ଯେହେତୁ ନିର୍ଲ୍ଲଜ କହିଲି 'ଆପଣ ମୋ ବାମକାନ୍ଧରେ ଆପଣଙ୍କୁ ମୁଣ୍ଡ ଲଗେଇ ଶୁଅନ୍ତୁ।' ସତେ ଯେମିତି ସେ ଏ କଥା ଶୁଣିବାପାଇଁ ବାହାନା କରୁଥିଲେ କି କ'ଣ କେଜାଣି! ସଙ୍ଗେ ସଙ୍ଗେ ମୋ କାନ୍ଧରେ ମୁଣ୍ଡ ଲଦି ଶୋଇଲେ। ପିଲାଙ୍କୁ ଗାଡିରେ କୋଳରେ ବସେଇ ନେବା ବେଳେ ପିଲାମାନେ ମୁତିଛନ୍ତି, ବାନ୍ତି କରିଛନ୍ତି କିନ୍ତୁ ଏତେ ବଡ ମହିଳା ଜଣକ ଯେ ମୋତେ ଏପରି ହଇରାଣ କରିବେ ବୋଲି ଜାଣିଥିଲେ ଆଦୌ ତାଙ୍କୁ ଏକଥା କହି ନଥାନ୍ତି! ମୁଣ୍ଡ ଲଗେଇ ଶୋଇଲେ ମୋ ସାର୍ଟ ସାରା ସିନ୍ଦୁର ଏବଂ ତାଙ୍କ ଅଧରରୁ ଲାଲ ବୋହି ଫୁଲ୍‌ସାର୍ଟ ଭେଦି ମୋ ହାତ ଦେଇ ବୋହିବାକୁ ଲାଗିଲା। କଣ୍ଡକ୍ଟର୍ ବାବୁ ଯେତେବେଳେ ପଇସା ମାଗିବାକୁ ଆସିଲେ ସେ ମୋ ଜଣକର ଭଡା ନେଇ କାନ୍ଧରେ ଆଉଜିଥିବା ମହିଳାଙ୍କ ପଇସା ବି ମାଗିଲେ। ମୁଁ ମନା କରିବାରୁ ସେ ତାଙ୍କ ମୁଣ୍ଡରେ ହାତ ମାରି ଅନ୍ୟମାନଙ୍କ ପାଖକୁ ଯାଇ ମାଗିବାକୁ ଲାଗିଲେ। ଲିଙ୍କ୍‌ରୋଡ ପାଖାପାଖି ହେବାରୁ ତାଙ୍କୁ ଡାକିଲି 'ଆଜ୍ଞା, ଉଠିବା ହୁଅନ୍ତୁ। ମୋତେ ଏଠାରୁ ଓହ୍ଲାଇ ଅନ୍ୟ ବସ୍ ଧରି ଚଣ୍ଡିଖୋଲ ଯିବାକୁ ଅଛି। ଉଠିଲେ ଏବଂ ମୋର ସାର୍ଟକୁ ସିନ୍ଦୁର ଓ ଲାଲ ଦ୍ୱାରା ସିନ୍ଦୁରାଲାଳାକ୍ତ କରିଥିବାରୁ ଇଂରାଜୀରେ 'ସରି' କହିଲେ।

ମୁଁ ନିର୍ଲ୍ଲଜ ମଧ୍ୟ କିଛି ନ କହି ଦାନ୍ତ ଦେଖେଇ ଗାଡିରୁ ଓହ୍ଲେଇ କି ଅନ୍ୟ ଗାଡି ଧରିବାକୁ ଗଲାବେଳେ ଭାବୁଥିଲି ଯାଦୁରା ଯେଉଁଠି ଯାଦୁ ମଲମ ବିକ୍ରି କରୁଛି, ନିଜ ଏକଶିରାର ଓଜନ ବୋହିବାକୁ କଷ୍ଟ ଅନୁଭବ କରୁଥିବା ଜଣକ ଯେଉଁଠି କହୁଛି ସେ ଅନ୍ୟର ଏକଶିରା ଭଲ କରିଦେବ ପ୍ରକୃତରେ ସେଠାରେ ଏ ପ୍ରକାର ନିର୍ଲ୍ଲଜିଆମୀଟା କେବେଠୁ ଆରମ୍ଭ ହେଲାଣି ଏବଂ ଏହା କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହା ଦେଖିବାର ବିଷୟ। ନା, କ'ଣ କହୁଛନ୍ତି ଆଜ୍ଞା?

# ଦେଶରେ ଖାଦ୍ୟ ସମସ୍ୟା ଓ ତା'ର ଦୂରୀକରଣ: ଏକ ଦୃଷ୍ଟିପାତ

ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି? ଅର୍ଥାତ୍ ସଂସାରର ମୂଳଭୂତ ହେଉଛି ଅନ୍ନ। ମଣିଷର ମୌଳିକ ଓ ବାସ୍ତବ ସମସ୍ୟା ହେଲା ଖାଦ୍ୟ ସମସ୍ୟା। ଗବେଷଣା, ମହାକାଶ ଯାତ୍ରା ଓ ଜ୍ଞାନ ବିଜ୍ଞାନ ଚର୍ଚ୍ଚା - ସବୁ ଏହି ଅନ୍ନ ନିକଟରେ ବନ୍ଧା। ଅନ୍ନ ମୁଠାଏ ନଥିଲେ ସମଗ୍ର ସଂସାର ଅନ୍ଧକାରମୟ ହୋଇଉଠେ। ସଭ୍ୟତାର ବିକାଶ ଦିଗରେ ଯେତେ ସୁନେଲି ସ୍ୱପ୍ନ ଦେଖିଲେ ମଧ୍ୟ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି କେତୋଟି ମୌଳିକ ସମସ୍ୟାର ସମାଧାନ ହୋଇ ନ ପାରିଲେ ସେହି ସୁନେଲି ସ୍ୱପ୍ନର କିଛି ମାନେ ହୁଏନା। ଜନସଂଖ୍ୟା ଓ କଳକାରଖାନା ଦୃଷ୍ଟିରୁ ବିଚାରକୁ ନେଲେ ଦେଶରେ ଖାଦ୍ୟ ସମସ୍ୟାର ଦୂରୀକରଣ ନିମନ୍ତେ ମୁଖ୍ୟତଃ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଏକାନ୍ତ ଜରୁରୀ। ଗାଣିତିକ ନିୟମରେ ଜନସଂଖ୍ୟା ବଢିଚାଲିଥିଲାବେଳେ ଚାଷ ଜମିର ପରିମାଣ ସେମିତି ସୀମିତ ହୋଇ ରହିଛି। ଅନାବାଦି, ଗୋଚର, ଜଙ୍ଗଲ କଟାଯାଇ ହୋଇଥିବା ଜମି, ପତିତ ଜମି ଇତ୍ୟାଦିକୁ ଉଦ୍ଧାର କରି ଯେତିକି ଅଧିକ ଚାଷଜମି ବାହାର କରାଯାଉଛି, ତାହା ଆବଶ୍ୟକତା ଅନୁସାରେ ଅତି ନଗଣ୍ୟ। ତେଣୁ ଯଥା ସମ୍ଭବ ଜନସଂଖ୍ୟାର ବୃଦ୍ଧିକୁ ନ ରୋକିଲେ ଖାଦ୍ୟ ସମସ୍ୟା ତ ଦୂର ହେବ ନାହିଁ ବରଂ ତତ୍ ସହିତ ବାସଗୃହ ସମସ୍ୟା ବି ଦିନକୁ ଦିନ ଉତ୍କଟତର ହୋଇ ଉଠିବ।



ବିକାଶମୂଳକ କାର୍ଯ୍ୟକ୍ରମ ନାମରେ ଚାଷ ଜମିକୁ ନଷ୍ଟ କରାଯିବା, ଉର୍ବର ଜମିକୁ ନଷ୍ଟ କରି ସେଠାରେ ବଡ ବଡ କଳକାରଖାନା ବସାଇବା, ସରକାରୀ କାର୍ଯ୍ୟାଳୟ ଓ ଦପ୍ତର ପାଇଁ ଆବାଦ ଯୋଗ୍ୟ ଚାଷ ଜମିକୁ ଦଖଲ କରିବା ଇତ୍ୟାଦି ବିଜ୍ଞତାର ପରିଚାୟକ ନୁହେଁ। ଯୋଜନା ଅନୁଯାୟୀ କୃଷି ବାବଦରେ ଅଧିକ ଅର୍ଥ ବରାଦ କରିବା ସଙ୍ଗେ ସଙ୍ଗେ ତାହାର ସଦୁପଯୋଗ କିପରି ହେଉଛି ତାହାକୁ ପରୀକ୍ଷା କରି ଦେଖାଯିବା ଉଚିତ। ଚାଷୀମାନଙ୍କୁ ପର୍ଯ୍ୟାପ୍ତ ଜଳସେଚନର ସୁଯୋଗ ଦିଆଗଲେ ସେମାନେ ଅଧିକ ଫସଲ ଅମଳ କରିବାକୁ ସମର୍ଥ ହେବେ। ପୁନଶ୍ଚ କେନାଲ ଖୋଳାରେ ବହୁତ ଜମି ନଷ୍ଟ ହେଉଥିବାରୁ ତା ସ୍ଥାନରେ ଉଠା ଜଳସେଚନକୁ ଉତ୍ସାହିତ କରାଯିବା ବିଧେୟ।

ସଂପ୍ରତି ଆଧୁନିକତା ନାମରେ ଚାଷ ପ୍ରତି ଶିକ୍ଷିତ ଲୋକମାନେ ଦିନକୁ ଦିନ ଅତ୍ୟନ୍ତ ବିମୁଖ ହେବାର ଲକ୍ଷ୍ୟ କରାଯାଉଛି। ଆଜିକାଲି ସମସ୍ତେ ଚାଷ କରିବା ଛାଡି ଚାକିରି କରିବାକୁ ଆଗ୍ରହୀ। ପାଣି କାଦୁଅରେ ପଶି ଚାଷ କରିବାକୁ କେହି ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। 'ଗାଁକୁ ଫେରି ଚାଲ' ବୋଲି ଯେଉଁ ସ୍ଲୋଗାନ ଦିଆଯାଉଥିଲା, ତା'ର କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଏ ସଭ୍ୟ ଶିକ୍ଷିତ ଦୁନିଆରେ ଚାଷ ପ୍ରତି କିଭଳି ଶ୍ରଦ୍ଧା ଓ ଅନୁରାଗ ସୃଷ୍ଟି କରାଯାଇ ପାରିବ, ସେ ବିଷୟରେ ରାଷ୍ଟ୍ର ନେତାମାନେ ଚିନ୍ତା କରିବା ଉଚିତ। ଫସଲ ଚାଷ ସହିତ ମତ୍ସ୍ୟ ଚାଷ, ଛତୁ ଚାଷ, କୁକୁଡା ପାଳନ, ପଶୁ ପାଳନ ଇତ୍ୟାଦି ଆନୁସଙ୍ଗିକ ବୃତି ଦିଗରେ ଚାଷୀମାନଙ୍କୁ ଉତ୍ସାହିତ କରାଯିବା ନିହାତି ଆବଶ୍ୟକ। ସ୍ଥଳଭାଗକୁ ଦୃଷ୍ଟିରେ ରଖି ଦେଶରେ ଅତ୍ୟଧିକ କଳକାରଖାନା ପ୍ରତିଷ୍ଠା କରାଯିବା ଅନୁଚିତ। ଚାଷ ଜମିକୁ ନଷ୍ଟ ନ କରି ସେଠାରେ ମାତ୍ର ଗୋଟିଏ କାରଖାନା ବସାଇ ଅଧିକ ଅର୍ଥ ରୋଜଗାର କରିବା ଏବେ ଏକ ସାଧାରଣ ରୀତି ହୋଇଛି। ଗ୍ରୀକ୍ କାହାଣୀର ରାଜା ମିଡାସ୍‌ଙ୍କ ପରି ସମସ୍ତଙ୍କ ହାତରେ ଖାଲି ଟଙ୍କା ବା ସୁନା ଥିବ, ଅଥଚ ଖାଇବାକୁ ମୁଠାଏ ଅନ୍ନ ମିଳୁ ନଥିବ। ଏମିତି ହେଲେ ଏହା ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଜଙ୍ଗଲ ରକ୍ଷା, ପରିବେଶର ସୁରକ୍ଷା, ପ୍ରଦୁଷଣ ନିରୋଧ, ମୃତିକା ସଂରକ୍ଷଣ, କୃଷି ସଂପର୍କୀୟ ଅଧିକ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା, ସ୍କୁଲ୍ ଓ କଲେଜ୍ ପାଠ୍ୟକ୍ରମରେ ବାଧ୍ୟତାମୂଳକ ଭାବେ କୃଷି ଶିକ୍ଷାର ବ୍ୟବସ୍ଥା ଇତ୍ୟାଦି ଏ ଦିଗରେ କିଛି ସାହାଯ୍ୟ କରିବ। ଖାଦ୍ୟ ସମସ୍ୟା ଦୂରୀକରଣ ନିମନ୍ତେ ଧାନ ଗହମ ଭଳି ମୁଖ୍ୟ ଫସଲ ସହିତ ଫଳ ଓ ପନିପରିବାର ବ୍ୟାପକ ଚାଷ କରାଯିବା ଉଚିତ। ତତ୍ ସହିତ ଲୋକମାନଙ୍କୁ ଖାଦ୍ୟ ସଂରକ୍ଷଣର ଆଧୁନିକ କୌଶଳମାନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ମିତବ୍ୟୟୀ ହେବାକୁ ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ।

ଖାଦ୍ୟର ଅଭାବ ମେଂଟାଇବାକୁ ଯାଇ ନେହେରୁଙ୍କ ଦ୍ୱାରା 'ଅଧିକ ଶସ୍ୟ ଉତ୍ପାଦନ କର' ନାମରେ ଯେଉଁ ସ୍ଲୋଗାନ ଦିଆଯାଇଥିଲା ତା ପରିବର୍ତ୍ତେ ଏବେ 'ସବୁଜ ବିପ୍ଳବ' ନାମରେ ଏକ ନୂତନ ଧ୍ୱନି ଦିଆଯାଉଛି। ଦେଶରେ ମୁଖ୍ୟତଃ କୃଷି, କୃଷକ ଓ ଖାଦ୍ୟ- ଏ ତିନୋଟି ଯାକ ଅଙ୍ଗାଙ୍ଗୀ ଭାବେ ଜଡିତ। ଅର୍ଥାତ୍ କୃଷିର ବିକାଶ ଘଟିଲେ ଓ ଅଧିକ ଫସଲ ଉତ୍ପାଦନ ହେଲେ ଖାଦ୍ୟ ସମସ୍ୟା ଦୂର ହୋଇପାରିବ। ଏଇ ଲକ୍ଷ୍ୟ ନେଇ କୃଷିକ୍ଷେତ୍ରରେ ଏକ ମହାନ୍ ବିପ୍ଳବର ଆବଶ୍ୟକତା ରହିଛି। ୧୯୬୭-୬୮ରେ ମେକ୍‌ସିକୋରୁ ଅଣାଯାଇଥିବା ଏକ ବାଙ୍ଗର ଜାତୀୟ ଗହମ ବିହନ ଏବଂ ଚୀନ୍‌ର ତାଇୱାନ୍‌ରୁ ଆସିଥିବା ଟାଇଚୁଙ୍ଗ୍ ନାମକ ବାଙ୍ଗର ଧାନର ବିହନ ଚାଷ କରାଯାଇ ପ୍ରଚୁର ଫସଲ ଅମଳ କରାଯାଇଥିଲା। ପୁନଶ୍ଚ ୧୯୮୩-୮୪ରେ ୨ୟ ସବୁଜ ବିପ୍ଳବ ପାଳନ କରାଯାଇଥିଲା। କିନ୍ତୁ ୧ମ ସବୁଜ ବିପ୍ଳବ କେବଳ ମାତ୍ର ପଂଜାବ, ହରିୟାନା ଓ ପଶ୍ଚିମ-ଉତର ପ୍ରଦେଶ ମଧ୍ୟରେ ସୀମିତ ହୋଇଥିବା ସ୍ଥଳେ ୨ୟ ବିପ୍ଳବଟି ପଶ୍ଚିମବଙ୍ଗ, ବିହାର, ଓଡିଶା, ମଧ୍ୟପ୍ରଦେଶ ଓ ଉତରପ୍ରଦେଶକୁ ସଂପ୍ରସାରିତ ହୋଇଥିଲା। କୃଷିବିଜ୍ଞାନୀଙ୍କ ମତରେ ବିଗତ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଅଧିକ ଧାନ ଉତ୍ପାଦନ କ୍ଷେତ୍ରରେ ଏକ ନୀରବ ବିପ୍ଳବ ସଂଘଟିତ ହୋଇଛି। ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଧାନ ଗହମ ଉତ୍ପାଦନର ହାର ମଧ୍ୟ ବଢିଛି। ଏଥି ସହିତ ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତ ଏକ ପ୍ରକାର ସ୍ୱାବଲମ୍ବନଶୀଳ ହୋଇପାରିଛି। ସାଧାରଣତଃ ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର କୃଷି ପାଇଁ ଗୋଟିଏ ଲେଖାଁ ସ୍ୱତନ୍ତ୍ର ଦପ୍ତର ଲେଖିଛନ୍ତି। ୧୯୭୦ ମସିହାରୁ ଜାତୀୟ କୃଷି କମିଶନ ଗଠିତ ହୋଇଅଛି। କୃଷିର ସମସ୍ୟା ଓ କୃଷି ସଂପର୍କୀୟ ନୀତିନିୟମ ଇତ୍ୟାଦି ଉକ୍ତ କମିଶନ ଅନୁଧ୍ୟାନ କରି ଦେଖନ୍ତି ଓ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦିଅନ୍ତି। ଭାରତ ଖାଦ୍ୟ କର୍ପୋରେସନ୍ ଫସଲ ଅମଳ ସମୟରେ ଚାଷୀମାନଙ୍କଠାରୁ ଉଚିତ ଦରରେ ଖାଦ୍ୟଶସ୍ୟ କ୍ରୟ କରି ତାଙ୍କ ଗୋଦାମରେ ରଖି ଏବଂ ପ୍ରାକୃତିକ ଦୁର୍ବିପାକ ଯଥା- ବନ୍ୟା, ବାତ୍ୟା, ଭୂମିକମ୍ପ ଇତ୍ୟାଦି ସମୟରେ ସରକାର ଏଇଥିରୁ ଶସ୍ୟ ନେଇ ଦୁର୍ଗତମାନଙ୍କୁ ସାହାଯ୍ୟ କରିଥାନ୍ତି।

ଏ ବିକାଶଶୀଳ ରାଷ୍ଟ୍ରରେ କ୍ରମବର୍ଦ୍ଧମାନ ଲୋକସଂଖ୍ୟା ହିଁ ଖାଦ୍ୟ ସମସ୍ୟାର ମୁଖ୍ୟ କାରଣ। ୧୯୩୫ ମସିହା ବେଳକୁ ପୃଥିବୀର ଲୋକସଂଖ୍ୟା ୧୮୫ କୋଟି ଥିବାବେଳେ ତାହା ଆଜି ପ୍ରାୟ ୭୦୦ କୋଟିରେ ପହଂଚିଲାଣି। ଜାତିସଂଘ ତରଫରୁ ସତର୍କ କରାଇ ଦିଆଯାଇଛି କି-୨୦୫୦ ମସିହା ବେଳକୁ ଏହି ସଂଖ୍ୟା ୯୨୦ କୋଟିରେ ପହଂଚିବ ବୋଲି ପୂର୍ବାନୁମାନ କରାଯାଏ। ପୁନଶ୍ଚ ଆଜିକୁ ୯୬ ବର୍ଷ ତଳେ ଅର୍ଥାତ୍ ୧୯୨୧ରେ ଅବିଭକ୍ତ ଭାରତବର୍ଷର ମୋଟ୍ ଲୋକସଂଖ୍ୟା ମାତ୍ର ୩୧ କୋଟି ୮୯ ଲକ୍ଷ ଥିଲାବେଳେ ଆଜି କେବଳ ଭାରତର ଲୋକସଂଖ୍ୟା ପ୍ରାୟ ୧୩୪ କୋଟି ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେଲାଣି। କ୍ରମବର୍ଦ୍ଧିତ ଏହି ବିପ୍ଳବ ଜନସଂଖ୍ୟାକୁ ସୀମିତ ଜନରୁ ଖାଦ୍ୟ ଯୋଗାଇବା ବର୍ଷକୁ ବର୍ଷ ଦୁରୂହ ହୋଇପଡୁଛି।

ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବହୁ ଖାଦ୍ୟଶସ୍ୟ ନଷ୍ଟ ହେଉଛି। ମିତବ୍ୟୟିତା ଭାରତୀୟମାନଙ୍କର ଗୋଟିଏ ଅଭ୍ୟାସ ବା ଲକ୍ଷଣ ହୋଇନଥିବାରୁ ତଥା ଉପଯୁକ୍ତ ଶିକ୍ଷା ଅଭାବରୁ ଆମେ ଯେତିକି ଖାଉ, ତା'ର ପ୍ରାୟ ଅର୍ଦ୍ଧେକ ପରିମାଣର ଖାଦ୍ୟ ନଷ୍ଟ କରିଥାଉ। ବଡ ବଡ ଭୋଜି ଉତ୍ସବରେ ମଧ୍ୟ ଯେଉଁଭଳି ଅବିଚାରିତ ଭାବେ ଖାଦ୍ୟ ନଷ୍ଟ କରାଯାଏ, ତାହା କମ୍ ଲଜ୍ଜାକର କଥା ନୁହେଁ। ପୃଥିବୀର କୋଟି କୋଟି ଲୋକ ଖାଦ୍ୟ ଅଭାବରେ ମୃତ୍ୟୁବରଣ କରୁଥିଲାବେଳେ ଧନୀ ଲୋକମାନେ ଖାଦ୍ୟ ନଷ୍ଟ କରିବାକୁ ଏକ ବିଳାସ ବୋଲି ମନେକରିଥାନ୍ତି। ଦୃଷ୍ଟାନ୍ତସ୍ୱରୂପ- ଆଫ୍ରିକାର ସୋମାନିଆ ଭଳି ମରୁଡିଗ୍ରସ୍ତ ଅଂଚଳରେ ଅନାହାର ମୃତ୍ୟୁ ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି। ସେଠାରେ ପ୍ରାୟ ଦେଢ କୋଟି ଲୋକ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଦୈନିକ ହାରାହାରି ଦୁଇ ଶହ ଲୋକ ପ୍ରାଣ ହରାଉଛନ୍ତି। ତେଣୁ ଭାରତରେ ପ୍ରତ୍ୟେକ ନାଗରିକ ଖାଦ୍ୟଶସ୍ୟ ପ୍ରତି ସଚେତନତା, ସଂରକ୍ଷଣ ଓ ଉତ୍ପାଦନ ଦିଗରେ ଧ୍ୟାନ ଦେବା ସହିତ ଖାଦ୍ୟ ସମସ୍ୟାର ସମାଧାନ ତଥା ଦୂରୀକରଣ ନିମନ୍ତେ ସୁଚିନ୍ତିତ ପଦକ୍ଷେପମାନ ଗ୍ରହଣ କଲେ ଭାରତବର୍ଷରୁ ଖାଦ୍ୟ ସମସ୍ୟାର ବିଲୋପ ଘଟିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ଅମିନୀଲୁ ରାୟ,** ଘାଗଡା, ରାହାମା, ଜଗତ୍‌ସିଂହପୁର / ମୋ-୭୯୭୮୪୩୯୨୧୪



# କେନ୍ଦୁଝରର କଂଗ୍ରେସ ଭବନରେ ସାଧାରଣତନ୍ତ୍ର ଦିବସ ପାଳିତ




କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା କଂଗ୍ରେସ ଭବନ ପରିସରରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଲବ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏକ ସୁଦୃଢ, ଶକ୍ତିଶାଳୀ ଏବଂ ଦୁର୍ନୀତିମୁକ୍ତ ଓଡିଶା ଗଢି ତୋଳିବାକୁ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସଦର ବ୍ଲକ ସଭାପତି ଉତ୍ତମ ସାହୁ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ସୁରଜିତ ଦାସ, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, ପୟଧର ବେହେରା, ସବିତା ସାହୁ, ନିମାଇଁ ମାରାଣ୍ଡି, ଦିନେଶ କୁମାର ରାଉତ, ସତ୍ୟବ୍ରତ ସାହୁ, ବୀରନ ମହାପାତ୍ର, ଜଗନ୍ନାଥ ସାହୁ, ଜିପକ ପଲେଇ, ପୁରୁଷୋତ୍ତମ ପଲେଇ, ସାର୍ଥକ ସାରଥି ଦେହୁରୀ, ଡାକ୍ତର ହାଁସଦା, ଅଭି ରାଉତ, ଗୁରୁଚରଣ ନାଏକ, ବ୍ରହ୍ମାନନ୍ଦ ନାଏକ, ନିରନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ରେଲୱେ ରନିଂରୁମ୍‌ରେ ସାଧାରଣତନ୍ତ୍ର ଦିବସ ପାଳିତ

କେନ୍ଦୁଝର,(ପି.ଏନ): ୭୩ତମ ସାଧାରଣତନ୍ତ୍ର ଦିବସ କେନ୍ଦୁଝର ରେଲୱେ ରନିଂ ରୁମ୍‌ରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଏହାର ସଭାପତି ଉମାକାନ୍ତ ଦାସ, ସମ୍ପାଦକ ସୌମ୍ୟ ରନ ସାହୁ ଓ ସୁପରଭାଇଜର ରବିନ୍ଦ୍ର ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ରେଲଓ କର୍ମଚାରୀ ଯୋଗଦାନ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ଥିଲା । ଶ୍ରୀ ପଟ୍ଟନାୟକ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ଦେଶ ଗଠନରେ ବ୍ରତି ହେବାକୁ ଆହ୍ୱାନ କରିଥିଲେ ।

## ବିଶ୍ୱକର୍ମ ମଜଦୂର ସଂଘ ଦ୍ୱାରା ସାଧାରଣତନ୍ତ୍ର ଦିବସ ପାଳିତ

କେନ୍ଦୁଝର: ୨୭/୧(ଆ.ପ୍ର.): ୭୩ତମ ସାଧାରଣତନ୍ତ୍ର ଦିବସ ବିଶ୍ୱକର୍ମ ମଜଦୂର ସଂଘ କେନ୍ଦୁଝରଙ୍କ ଦ୍ୱାରା ପାଳିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଉମାକାନ୍ତ ଦାସ ଓ ସମ୍ପାଦକ ବିବେକାନ୍ଦ ଦାସ ମିଳିତ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସଂଘର କୋଷାଧକ୍ଷ ଖଗେଶ୍ୱର ମହାନ୍ତ ଓ ଉପସଭାପତି ରବିନ୍ଦ୍ର ଜେନା ଓ ସମସ୍ତ କର୍ମଚାରୀ ବୃନ୍ଦ ଏଥିରେ ସହଯୋଗ କରିଥିଲେ ।

## ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

କେନ୍ଦୁଝର,(ପି.ଏନ): ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟ ନାରାୟଣ ମାଳିଙ୍କ ଦ୍ୱାରା ଶ୍ରମ କାର୍ଯ୍ୟାଳୟରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସହକାରୀ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ମାଳି ଉପସ୍ଥିତ କର୍ମଚାରୀ ମାନଙ୍କୁ ଉତ୍ସର୍ଗୀକୃତ ସେବା କରିବା ପାଇଁ ଆହ୍ୱାନ କରି 'ମାନବ ସେବା ହିଁ ମାଧବ ସେବା' ବୋଲି କହିଥିଲେ ।

# ଖୋର୍ଦ୍ଧାରେ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳିତ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ସ୍ତରୀୟ ୭୩ ତମ ସାଧାରଣତନ୍ତ୍ର ଦିବସ ବିଜେବି ହାଇସ୍କୁଲ ପଡିଆରେ କୋଭିଡ ନିୟମ ୧୯ ନିୟମ ଅନୁଯାଇ ପାଳିତ ହୋଇ ଯାଇଛି । ଏହି ପତାକା ଉତୋଳନ ଉତ୍ସବରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୋଗ ଗୋପବନ୍ଧୁ ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରି ଖୋର୍ଦ୍ଧା ଇତିହାସ ସଦାସର୍ବଦା ଚିର ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ କରିଥିଲେ ।ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀଅନୁଜ କୁମାର ପାଢୀ, ଉପଜିଲ୍ଲାପାଳ ଶ୍ରୀ ଆଇ ଗୌରବ ଶିବାଜୀ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ଓ ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସଚେତନ ନାଗରିକ ମାନେ ଯୋଗ ଦେଇଥିଲେ । ଜିଲ୍ଲାର ୧୨ ଜଣ କୋଭିଡ ଯୋଦ୍ଧାଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଚୟନ ଓ ସୁପାରିଶରେ ଅର୍ଥୋନୈତିକ ବିଭାଗର ଡାକ୍ତର ଦିଲ୍ଲୀପ କୁମାର ପ୍ରଧାନଙ୍କ ସମେତ ନର୍ସିଂ ଅଫିସରଙ୍କ ସମେତ ବହୁ କର୍ମଚାରୀ ଯୋଗ ଦେଇଥିଲେ । ରିଜର୍ଭ ଇନିସପେକ୍ଟର ନାଗେଶ ଜେନାଙ୍କ ନେତୃତ୍ୱରେ ଏପିଆର ଫୋର୍ସ ଖୋର୍ଦ୍ଧା ଓ ୬ଷ୍ଠ ଆଇଆର ବାଟାଲିୟନର ୩୦ ଜଣ ଅଭିବାଦନ ପ୍ରଦାନ କରିଥିଲେ ।

# ନବ ନିର୍ମାଣ କୃଷକ ସଙ୍ଗଠନ ନିଆରା ଢଙ୍ଗରେ ପାଳିଲା ସାଧାରଣତନ୍ତ୍ର ଦିବସ

ଖୋର୍ଦ୍ଧା,(ପିଏନ): ବୋଲଗଡ ବ୍ଲକ ଅନ୍ତର୍ଗତ କଡବ ଗ୍ରାମରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷ ଜମିରେ ଏକତ୍ରୀତ ହୋଇ ସାଧାରଣତନ୍ତ୍ର ଦିବସକୁ ନିଆରା ଢଙ୍ଗରେ ପାଳନ କରିଛି ।ଏହି ସାଧାରଣ ତନ୍ତ୍ର ଦିବସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପ୍ରଶାସନିକ ଅଧିକାରୀ ମାନେ ବିଭିନ୍ନ କାର୍ଯ୍ୟାଳୟ ସମେତ ପାଳନ କରାଯାଉଥିବା ବେଳେ ଚାଷୀଟି ଋଣ କରି ବର୍ଷସାରା ଚାଷ କରି ନିଜର ପରିଶ୍ରମ ବଳରେ ସୁନାର ଫସଲ ଉପୁଜାଇଥାଏ ।ତେବେ ଫସଲକୁ ବିକ୍ରୀ କରିବା ପାଇଁ ଏଣେତେଣେ ବୁଲି ଶେଷରେ ଶାଗମାଛ ଦରରେ ବିକ୍ରୀ କରିଦେଇଥାଏ । ଏ ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷିର ପ୍ରତ୍ୟେକ ସମସ୍ୟା ଓ ଅଭିଯୋଗକୁ ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ପ୍ରତିବାଦ କରି ଆସୁଅଛି । ଏଥିପାଇଁ ଚାଷୀଟି ସାଧାରଣ ତନ୍ତ୍ର ଦିବସ ପାଳନ କରିବା ପାଇଁ ନିଜର ଚାଷ ଜମିରେ ଏକତ୍ର ହୋଇ ନିଆରା ଢଙ୍ଗରେ ପାଳନ କରିଥିଲା । ଏଥିରେ ବୋଲଗଡ ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଗଠନର ସଂଯୋଜକ ଜୟନ୍ତ କୁମାର ତ୍ରିପାଠୀ ଓ ସହ ସଂଯୋଜକ କାହ୍ନୁ ଚରଣ ବେହେରା ନେତୃତ୍ୱରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।

# ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକରେ ବିଭିନ୍ନ ସ୍ଥାନରେ ୭୩ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଧର୍ମଶାଳା ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରଣବ ବଳବନ୍ତରାୟ ପତାକା ଉତୋଳନ କରିଥିଲେ । ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅରବିନ୍ଦ ବେହେରା ଜାରକା ଜଳସେଚନ କାର୍ଯ୍ୟାଳୟରେ ନିବାହୀଯନ୍ତ୍ରୀ ଇଂ ଦେବାଶିଷ ପଟ୍ଟନାୟକ, ଜାରକା ଆରଡି କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରି ଇଂ ସୋମ୍ୟ ରଂଜନ ଦ୍ୱିବେଦୀ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସ୍ୱାଗତ ଦାସ , ଧର୍ମଶାଳା ଥାନାରେ ଥାନାଅଧିକାରୀ ରାକେଶ ତ୍ରିପାଠୀ , ଜେନାପୁର ଥାନାରେ ଥାନା ଅଧିକାରୀ ଉମାକାନ୍ତ ନାୟକ ପତାକା ଉତୋଳନ କରିଥିଲେ । ସେହିପରି ବିଜେପି କାର୍ଯ୍ୟାଳୟରେ ନାରୀନେତ୍ରୀ ସ୍ମୃତିରେଖା ପହି, କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଛକରେ ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ଧର୍ମଶାଳା ପ୍ରେସକ୍ଲବ ଠାରେ ଉପଜେଷ୍ଠା ରମାକାନ୍ତ ଜେନା ପତକା ଉତୋଳନ କରିଥିଲେ । ସେହିପରି ଅରଙ୍ଗାବାଦ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରରେ ପୂର୍ବତନ ବିଧାୟକ ରବିଲାବଣ୍ୟ ପତାକା ଉତ୍ତୋଳନ କରିଥିବା ବେଳେ ପତଳି ଯୋଗ ସମିତିଠାରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ ,ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ଧର୍ମଶାଳା ପକ୍ଷରୁ କାର୍ଯ୍ୟାଳୟରେ ସଭାପତି ଯୁଧିଷ୍ଠିର ସ୍ୱାଇଁ ପତକା ଉତୋଳନ କରାଯାଇଥିଲା । ଧର୍ମଶାଳା ମହାବିଦ୍ୟାଳୟ ଠାରେ ଅଧକ୍ଷ ତପନ କୁମାର ମିଶ୍ର, ମହିଳା ଡିଗ୍ରୀ କଲେଜରେ ଅଧକ୍ଷା ଡ.ଇନ୍ଦୁପ୍ରାଭା ସାମଲ, ଆରୁହା ଠାରେ ଜିଲ୍ଲା କ୍ରସର ଆସୋସିଏସନ ସଭାପତି ଚନ୍ଦନ ନାୟକ ପତକା ଉତୋଳନ କରିଥିଲେ । ଧର୍ମଶାଳା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବକ ପତକା ଉତୋଳନ କରାଯାଇଛି ।

## ସରପଂଚ ପ୍ରାର୍ଥୀଙ୍କ ପୁଅ ନିଖୋଜ, ଥାନାରେ ଅଭିଯୋଗ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମ ପଂଚାୟତ ଅନ୍ତର୍ଗତ ଭୋଗଡା ଗ୍ରାମର ପଦ୍ମ ଚରଣ ମହାପାତ୍ରଙ୍କ ଧର୍ମପତ୍ନୀ ନିରୁପମା ମହାପାତ୍ର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନିରୁପମା ମହାପାତ୍ର ସରପଂଚ ପ୍ରାର୍ଥୀନି ଭାବରେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ତେବେ ତାଙ୍କ ପୁଅ ପ୍ରତାପ(୪୭) ଆଜି ସକାଳେ ମା'ଙ୍କ ପାଇଁ ପ୍ରଚାର ପ୍ରସାର କରୁଥିବା ବେଳେ କେଉଁଆଡେ ନିଖୋଜ ହୋଇ ଯାଇଛନ୍ତି । ତେବେ ଏ ନେଇ ପରିବାର ଲୋକମାନେ ବହୁ ଖୋଜାଖୋଜି କରିବା ପରେ ନିରୁପାୟ ହୋଇ ବାଘମାରୀ ଥାନାରେ ଅଭିଯୋଗ କରିଛନ୍ତି ବୋଲି ଥାନା ଅଧିକାରିଣୀ ଅର୍ଚ୍ଚନା ମଲ୍ଲିକଙ୍କ ଠାରୁ ପ୍ରକାଶ ।

## ମହାତ୍ମା ଗାନ୍ଧୀ ଫାଉଣ୍ଡେସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ଧର୍ମଶାଳା,(ପିଏନ): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ମହାତ୍ମା ଗାନ୍ଧୀ ଫାଉଣ୍ଡେସନ ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋକର୍ଣ୍ଣେଶ୍ୱର ଏମଇ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ଯୋଗଦେଇ ପତାକା ଉତୋଳନ କରିବା ସହିତ ଆମକୁ ସ୍ୱାଧୀନତା ଦେଇଥିବା ମହାପୁରୁଷମାନଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ନେତା ମାନସ ରଂଜନ କର, ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ, ନୀଳମଣି ସ୍ୱାଇଁ ଇନ୍ଦ୍ରମଣି ବେହେରା ଓ ଜଳଧର ବେହେରା ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସ ଉପରେ ଆଲୋକପାତ କରିଥିଲେ । ଯୁବନେତା ପ୍ରଭୁଦତ ଜେନା, ଅଭୟ କୁମାର ରାଉତ, ପ୍ରସନ୍ନ କୁମାର ପାଳ, ତପନ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ପାତ୍ର, ଆକାଶ କୁମାର ସ୍ୱାଇଁ ଓ ରାହୁଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# 'ନେସନ' ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୩୧ ୟୁନିଟ ରକ୍ତ ସଂଗୃହୀତ

ଧର୍ମଶାଳା, (ପିଏନ୍): ସାଧାରଣତନ୍ତ୍ର ଦିବସ ଅବସରରେ ଧର୍ମଶାଳା ଅଂଚଳର ସ୍ୱେଚ୍ଛାସେବୀ ଅନୁଷ୍ଠନ ନେସନ ଓ ଲାର୍କ ପକ୍ଷରୁ ଜାରକା ଏମଇ ସ୍କୁଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଯୋଗଦେଇ ଉଦଘାଟନ କରିଥିଲେ । ଇନରହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ । ଏହି ଶିବିରରେ ୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିରରେ ଧର୍ମଶାଳା ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଂଜନ କର, ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ସୀତାକାନ୍ତ ସାମଲ, ମାନସ ରଂଜନ ଜେନା, ଅବିନେଶ୍ୱର ଶତପଥୀ, ବିକ୍ରମ କେଶରୀ ମହାନ୍ତି, ସବ୍ୟସାଚୀ ବେହେରା, କିଶୋର ରାଉତ, ବିନୋଦ ବିହାରୀ ସାହୁ, କୃଷକ ନେତା ବସନ୍ତ କୁମାର ପରିଡା, ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଯୁବ ସଂଗଠକ ସଂଗ୍ରାମ କେଶରୀ ଜେନା, ଇଂ କଳ୍ପତରୁ ସାହୁ, ପ୍ରଭୁରଂଜନ ସାମଲ, ବିଶ୍ୱଜିତ ସାମଲ, ଦୀପକ ବଳ, ସ୍କୁଲର ପ୍ରଧାନ ଶିକ୍ଷକ ହୃଷିକେଶ ସାମଲ ଓ ମନୋଜ ରଣା ପ୍ରମୁଖ ଯୋଗଦେଇ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ । କଟକସ୍ଥିତ କେନ୍ଦ୍ରିୟ ରେଡକ୍ରସ ପକ୍ଷରୁ ଅଭିଜ୍ଞ ଡାକ୍ତର ସୁଧାଂଶୁ ଶେଖର ସାହୁ, ସଂଯୋଜକ ଅବିନାଶ ଦାଶ, ଓଡିଶା ମୋ ପରିବାର ସଂଯୋଜକ ବିମଳ ଚନ୍ଦ୍ର ଦାସ, ଏଲଟି ଶେଷମୋହନ ଶତପଥୀ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ପ୍ରାରମ୍ଭରେ ସ୍କୁଲ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ ।

# ହରେକୃଷ୍ଣ ରାଉତ କ୍ରିକେଟ ଟୁର୍ଣ୍ଣାମେଂଟ, ସୁଙ୍ଗୁଡା ବିଜୟୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ମଜାର ପଡିଆରେ ଚୋରମୁହାଁ ୟୁଥକ୍ଲବ ଅନୁକୁଲ୍ୟରେ ହେଉଥିବା ହରେକୃଷ୍ଣ ରାଉତ ଓ ମଧୁସୁଦନ ରାଉତ କ୍ରିକେଟ ଟୁର୍ଣ୍ଣାମେଂଟରେ ଗୁରୁବାର ଏନଏସଚି କାଏମାକୁ ୪ ଉଇକେଟରେ ପରାସ୍ତ କରି କେସିସି ସୁଙ୍ଗୁଡା ସେମିଫାଇନାଲରେ ପ୍ରବେଶ କେିଛି । କାଏମା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ କରିଥିଲା । ଦଳ ପକ୍ଷରୁ ପ୍ରତାପ ମହାରଣା ୪୮ ରନ କରିଥିବା ବେଳେ ବିପକ୍ଷ ଦଳର ସ୍ମୃତି ନାୟକ ୩ଟି ଉଇକେଟ ନେଇଥିଲେ । ଜବାବରେ ସୁଙ୍ଗୁଡା ଟିମ ବ୍ୟାଟିଂ କରି ୧୬.୩ ଓଭରରେ ୬ ଉଇକେଟ ହରାଇ ୧୧୯ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ କାଳିଆ ମହାରଣା ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ଦେବାଶିଷ ମହାରଣା ୨ଟି ଉଇକେଟ ନେଇଥିଲେ । ଏହି ମ୍ୟାଚକୁ ପ୍ରଦୀପ ଜେନା ଓ ରବିନ୍ଦ୍ର ଦାସ ପରିଚାଳନା କରିତ୍ଲେ । ଆସନ୍ତା କାଲି ମହାବିର କ୍ଲବ ଗଡମଧୁପୁର ସହିତ ଟାଇଗର ୟୁଥ କ୍ଲବ ବାମଦେଇପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

# ଧର୍ମଶାଳା ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା,(ପିଏନ୍): ଧର୍ମଶାଳା ପ୍ରେସ କ୍ଲବରେ କର୍ମକର୍ତା ନିର୍ବାଚନ ପାଇଁ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯିବା ସହ କର୍ମକର୍ତା ନିର୍ବଚବନ ଅନୁଷ୍ଠିତ ହୋଇଥିଲା । ଆଗାମୀ ୨ ବର୍ଷ ପାଇଁ ଉପଦେଷ୍ଟା ଭାବେ ବଟକୃଷ୍ଣ ପରିଡା ଓ ଇନ୍ଦ୍ରମଣି ନାୟକଙ୍କୁ ସହମତି ଭିତିରେ ନିର୍ବାଚିତ କରାଯାଇଥିଲା । ସେହିପରି ସଭାପତି ଭାବେ ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି- ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଭାବେ ସୀତାକାନ୍ତ ସାମଲ, ସମ୍ପାଦକ ଭାବେ ଅବିନେଶ୍ୱର ଶତପଥୀ, ଆଇନ ପରାମର୍ଶଦାତା ଭାବେ କ୍ଷିରୋଦ ଚନ୍ଦ୍ର ମୁଦୁଲି, ସହ ସମ୍ପାଦକ ଭାବେ ମାନସ ରନ ଜେନା, କୋଷାଧ୍ୟକ୍ଷ ଭାବେ ଅଖିଳ କୁମାର ସ୍ୱାଇଁଙ୍କୁ ସର୍ବ ସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନିଲ ନାୟକ, ବିବେକାନନ୍ଦ ରାୟ, ପ୍ରଶାସନ୍ତ ଗନ୍ତାୟତ, କପିଳେନ୍ଦ୍ର ରାଉତ, ବିକ୍ରମ ମାହାନ୍ତି, କିଶୋର ରାଉତ, ବିନୋଦ ସାହୁ, ରଶ୍ମୀରନ ରାୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଅଫଲାଇନ ପରୀକ୍ଷା ବାତିଲ ଦାବିରେ କଲେଜ ଛାତ୍ରଙ୍କ ରାସ୍ତା ରୋକ

ଧର୍ମଶାଳା,(ପିଏନ୍): ଆଗକୁ ହେବାକୁଥିବା +୨ ଦ୍ୱିତୀୟ ବର୍ଷ ବୋର୍ଡ଼ ପରୀକ୍ଷା ବାତିଲ ଦାବିରେ ଧର୍ମଶାଳା ମହାବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରୀକ୍ଷା ବାତିଲ ଦାବିରେ ଗୁରୁବାର ଛାତ୍ରମାନେ କଲେଜ ସମ୍ମୁଖରେ ବିକ୍ଷୋଭ କରିଥିଲେ । ଛାତ୍ରଛାତ୍ରୀମାନେ ଗତ ବର୍ଷ +୨ ପ୍ରଥମ ବର୍ଷରେ ନାମ ଲେଖାଇ ଥିଲେ ମଧ୍ୟ କରୋନା କଟକଣା ଯୋଗୁଁ ପାଠପଢା ବ୍ୟାଘାତ ହୋଇଥିଲା । ଚଳିତ ବର୍ଷ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି । ଯାହା ଫଳରେ ଛାତ୍ରଛାତ୍ରୀମାନେ ୨ ବର୍ଷ ମଧ୍ୟରେ ମାତ୍ର ୫ମାସ ଅଫଲାଇନରେ ପାଠ ପଢି କୋର୍ସ ସାରିବା ଅସମ୍ଭବ ହୋଇଛି ।

# ତାପଙ୍ଗ ଦଳବେହେରାଙ୍କ ତ୍ୟାଗ ଓ ବୀରତ୍ୱ ଅତୁଳନୀୟ



ଖୋର୍ଦ୍ଧା, (ପି.ଏନ): ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଅନ୍ୟତମ ନାୟକ ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ୧୮୨ତମ ଶ୍ରାଦ୍ଧବାର୍ଷିକୀ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ଓ କଳିଂଗ ପାଇକ ସଂଗଠନ ପକ୍ଷରୁ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗଡ଼ଖୋର୍ଦ୍ଧା ପଂଚପାଇକ ସ୍ମୃତିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟାଳୟରେ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ସ୍ମୃତିଚାରଣ କାର୍ଯ୍ୟକ୍ରମ କରାଯାଇଥିଲା । ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ସଭାପତି ଇଂ ଶିଶିର କୁମାର ନାୟକ ଦଳବେହେରାଙ୍କ ଅସୀମ ତ୍ୟାଗ ଓ ବୀରତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ତାପଙ୍ଗ ଦଳବେହେରାଙ୍କ ସଂପର୍କରେ ଆଗରୁ ପାଠ୍ୟ ପୁସ୍ତକରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କବିତା 'ନିଅ ମୋର ମୁଣ୍ଡବଳି' ଥିବାବେଳେ ସଂପ୍ରତି ତାଂକ ଜୀବନ ସଂଗ୍ରାମ ବିଷୟ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଦାବି କରିଥିଲେ । କଳିଙ୍ଗ ପାଇକ ସଂଗଠନର ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦଳବେହେରା ସ୍ମୃତି ପରିଷଦର ଉପ-ସଭାପତି ରମଜାନ୍ ଖାଁ, ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି ପରିଷଦର ସଂପାଦକ ଅମରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାମଚଣ୍ଡୀ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, ସମାଜସେବୀ ବୈଦ୍ୟନାଥ ବରାଳ, ଧରଣୀଧର ଛୋଟରାୟ ପ୍ରମୁଖ ବକ୍ତବ୍ୟ ରଖି କହିଥିଲେ ଯେ, ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଇଂରେଜମାନଙ୍କ ଆଗମନ ପରେ ବକ୍ସି ଜଗବଂଧୁଙ୍କ ନେତୃତ୍ୱରେ ୧୮୧୭ ପାଇକ ବିଦ୍ରୋହ ଏବଂ ଏହାପରେ ୧୮୨୭ରେ ତାପଙ୍ଗ ଯୁଦ୍ଧ ଏବଂ ୧୮୩୬ରେ କୃତ୍ତିବାସ ପାଟଶାଣୀଙ୍କ ନେତୃତ୍ୱରେ ବାଣପୁର ମୁକ୍ତି ସଂଗ୍ରାମ ସଂଗଠିତ ହୋଇ ଦୀର୍ଘ ବର୍ଷ କାଳ ଓଡ଼ିଆମାନେ ଇଂରେଜ ବିରୋଧୀ ସଂଗ୍ରାମ କରିଥିଲେ । ଶେଷରେ ସମାଜସେବୀ ସୁଷମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁକ୍ତ ଦୁଇ ଶେଷ ବର୍ଷ ପରୀକ୍ଷା ବାତିଲ ଦାବିରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



କେନ୍ଦୁଝର,(ପି.ଏନ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା ଯୁକ୍ତ ଦୁଇ ଶେଷ ବର୍ଷର ବାର୍ଷିକ ପରୀକ୍ଷା ବାତିଲ ଦାବୀରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେନ୍ଦୁଝର ଜିଲାର ବିଭିନ୍ନ ଯୁକ୍ତ ଦୁଇ କଲେଜ ର ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କରୋନା ଯୋଗୁଁ ବିଳମ୍ବରେ କଲେଜ ଖୋଲିଥିବାରୁ କମ୍ ପାଠ ପଢା ହୋଇଛି ଏବଂ କୋର୍ସ ସରିନାହିଁ । ଏଥିପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ପାଠପଢା ବ୍ୟାଘାତ ହୋଇଥିବାରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଶେଷ ବର୍ଷ ଅଫ୍ ଲାଇନ ପରୀକ୍ଷା ବାତିଲ ଦାବୀ କରିଛନ୍ତି । ନିକଟରେ ଗଣଶିକ୍ଷା ମନ୍ତ୍ରୀ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପରୀକ୍ଷା ହେବ ବୋଲି ଘୋଷଣା କରିଥିଲେ । ଏହାର ପ୍ରତିବାଦରେ ଗୁରୁବାର ଦିନ ଜିଲାର ବିଭିନ୍ନ କଲେଜ ର ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଛାତ୍ରଛାତ୍ରୀଙ୍କ କହିବା ଅନୁସାରେ ଅନ୍‌ଲାଇନ୍ କ୍ଲାସ ସଠିକ୍ ଭାବେ ହୋଇନାହିଁ ଏବଂ ସିଲାବସ ମଧ୍ୟ ଶେଷ ହୋଇନାହିଁ । ଏଥିପାଇଁ ପରୀକ୍ଷା ବାତିଲ କରାଯିବାକୁ ଦାବୀ କରିଛନ୍ତି । ଅଲ୍ ଓଡିଶା ଷ୍ଟୁଡେଣ୍ଟସ୍ ୟୁନିୟନ ବ୍ୟାନରରେ ଛାତ୍ରଛାତ୍ରୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ । ଏ ସଂପର୍କରେ ଟାଉନ ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ବୁଝାସୁଝା କରିବା ପରେ ଛାତ୍ରଛାତ୍ରୀମାନେ ଧାରଣାରୁ ଓହରିଥିଲେ । ଏହି ବିକ୍ଷୋଭରେ ମାନମେନ୍ଦ୍ର ଗିରି, ସୋମନାଥ ସାହୁ, ଅଙ୍କିତ ପଟ୍ଟନାୟକ, ସୁଦାମ ବେହେରା, ତାପସ କୁମାର ଗିରି, ସନ୍ଦୀପ କୁମାର ବେହେରା, ଅବିନାଶ ମହାନ୍ତ, ସୂର୍ଯ୍ୟନାରାୟଣ ପାତ୍ର, ପ୍ରଶାନ୍ତ କୁମାର ନାଏକ, ସୁରଜ କୁମାର ମହାନ୍ତ, ସୂର୍ଯ୍ୟପ୍ରଭା ଦାସଙ୍କ ସମେତ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ । ପରେ ପରେ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ।

# ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଲାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପିତ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି । ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି । କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି । ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି । ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି ।






ତମାଣ୍ଡୁ ସାଇ ଚ୍ଚରିଟେବୁଲ୍ 'ାଉଣ୍ଡେସନ୍ (ଦୃଷ୍ଟିବାଧିତ ସଂଘ)ପକ୍ଷରୁ ୭୩ତମ ଗଣତନ୍ତ୍ର ଦିବସ ସଂଘର ସଭାପତି ଦିବାକର ପଲାଦଙ୍କ ତତ୍ୱାବଧାନରେ ପାଳିତ ହୋଇଯାଇଛି

# ନବୀନ : ମୋଦୀ, ଛାତ୍ର ବିରୋଧି - ୟାସିର ନୱାଜ, ସଭାପତି, ପ୍ରଦେଶ ଛାତ୍ର କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ରମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ମାଷ୍ଟରକ୍ୟାଂଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଘଂଟା ଧରି ରାଜରାସ୍ତା ଅବରୋଧ କରାଯାଇଥିଲା। ଛାତ୍ର ବିରୋଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଥିଲା।ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖା ଜାଲିଆତି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭିନ୍ନକ୍ଷମ ଓ ସ୍ପୋଟସ୍ ସାର୍ଟିଫିକେଟକୁ ଜାଲିଆତି କରି ନାମଲେଖା କରାଯାଇଛି। ଯେଉଁ ଛାତ୍ର ଛାତ୍ରୀଙ୍କ ନମ୍ବର କଟଅଫ ମାର୍କ ତଳେ ରହିଛି ସେମାନଙ୍କ ଠାରୁ ଅର୍ଥ ଆଦାୟ କରି ଏହି ଜାଲିଆତି ସାର୍ଟିଫିକେଟ ଜରିଆରେ ଆଡମିଶନ କରାଯାଇଛି। ବିଶେଷକରି ଏହି ର୍ୟାକେଟରେ ବିଜେଡ଼ି ନେତା, କଲେଜର ପ୍ରିନ୍ସିପାଲ ଏବଂ ଅଧ୍ୟାପକ ଏବଂ ଆଡମିଶନ ଦାୟୀତ୍ୱରେ ଥିବା ଷ୍ଟାଫମାନେ ରହିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଏହି ତଦନ୍ତର ଦାୟୀତ୍ୱ ପ୍ରିନ୍ସିପାଲଙ୍କୁ ଦେବା ଦୁର୍ଭାଗ୍ୟଜନକ କାରଣ ପ୍ରିନ୍ସିପାଲ ଏହି ର୍ୟାକେଟକୁ ପରିଚାଳନ କରିବା ଅଭିଯୋଗ ହେଉଛି। ବିଶେଷ କରି ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଏବଂ ଉଚ୍ଚଶିକ୍ଷା ବିଭାଗର ସଚିବ ଏହି ମହାଦୁର୍ନୀତିକୁ ଚପାଇ ଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଶ୍ରୀ ନୱାଜ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ସାରା ଓଡ଼ିଶାର ବିଶ୍ୱବିଦ୍ୟାଳୟ, ସ୍ୱଂୟଶାସିତ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ମାନଙ୍କରେ ଏହି ଆଡମିଶନ ଦୁର୍ନୀତି ଚାଲିଥିବା ବେଳେ ଶିକ୍ଷାମନ୍ତ୍ରୀଙ୍କ ଏବଂ ଏହି ର୍ୟାକେଟର ପରିଚାଳନା କରି ପ୍ରିନ୍ସିପାଲଙ୍କୁ ତଦନ୍ତ ଦାୟୀତ୍ୱ ଦେବା ଦୁର୍ଭାଗ୍ୟଜନକ। ଏହି ମହାଦୁର୍ନୀତିର ବିଚାରବିଭାଗୀୟ ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି।ଆର.ଆର.ବି. ଏନଟିପିସି ଏବଂ ଗ୍ରୁପ-ଡି ପରୀକ୍ଷାରେ ତ୍ରୁଟି।ନିର୍ବାଚନ ପୂର୍ବରୁ ଛାତ୍ରଛାତ୍ରୀ ମାନଙ୍କୁ ଆକର୍ଷିତ କରିବାପାଇଁ ମୋଦି ସରକାର ଚାକିରୀ ଲୋଭ ଦେଖାଇ ପରୀକ୍ଷା କରାଇଥାନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ରେଳବାଇ ମନ୍ତ୍ରୀ ଆର.ଆର.ବି. ଏନଟିପିସି ମାଧ୍ୟମରେ ପ୍ରାୟ ୩୫ ହଜାର ପଦବୀ ପୂରଣ ପାଇଁ ବିଜ୍ଞାପନ କରାଇଥିଲେ। ଗ୍ରୁପ-ଡିରେ ଲକ୍ଷ ଲକ୍ଷ ପୋଷ୍ଟ ପାଇଁ ମଧ୍ୟ ପରୀକ୍ଷା ବିଜ୍ଞାପନ ହୋଇଥିଲା। ଆର.ଆର.ବି. ଏନଟିପିସି ପରୀକ୍ଷା ଦୁଇବର୍ଷ ପରେ ୨୦୨୧ ରେ ହେଲା ଏବଂ ୨୦୨୨ ରେ ଏହାର ଫଳାଫଳ ବାହାରିଲା। ଏହି ଫଳାଫଳରେ ବ୍ୟାପକ ଦୁର୍ନୀତି ହୋଇଛି। ଜଣେ ଛାତ୍ର ବା ଛାତ୍ରୀ ପାଂଚ ଛଅଟି ପଦବୀ ପାଇବା ପାଇଁ ଉତୀର୍ଣ୍ଣ ହୋଇଥିବାବେଳେ ଏଥିରେ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇଛି। ରେଳବାଇର ପଦବୀ ବିକ୍ରି ପାଇଁ ଚକ୍ରାନ୍ତ ହୋଇଛି। ଜଣେ ପରୀକ୍ଷାର୍ଥୀକୁ ଗୋଟିଏ ପଦବୀ ପାଇବାପାଇଁ ଯୋଗ୍ୟ କରାଯାଉ। ଫଳାଫଳକୁ ପରୀକ୍ଷା ନିରିକ୍ଷା କରି ଏବଂ ସଂଶୋଧନ କରି ପୁଣିଥରେ ଫଳାଫଳ ପ୍ରକାଶ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ୨୦୧୯ ମସିହାରେ ରେଳବାଇ ଗ୍ରୁପ-ଡି ନିମନ୍ତେ ବିଜ୍ଞାପନ ହୋଇଥିଲା। ଏହାର ପରୀକ୍ଷା ତିନିବର୍ଷ ପରେ ଫେବୃଆରୀ ମାସରେ ହେବାପାଇଁ




ସୂଚନା ଦିଆଯାଇଥିଲା। ପୂର୍ବରୁ ସିବିଟି-୧ ବ୍ୟବସ୍ଥା ହେଉଥିଲା। ମାତ୍ର ଏବେ ସରକାର ଘୋଷଣା କଲେ ଯେ ସିବିଟି-୨ ପରୀକ୍ଷା ମଧ୍ୟ ହେବ। ଯେଉଁ ସଂପର୍କରେ ପୂର୍ବରୁ ସୂଚନା ଦିଆଯାଇ ନଥିଲା। ଗ୍ରୁପ-ଡିର କେବଳ ସିବିଟି-୧ ପରୀକ୍ଷା କରିବାପାଇଁ ଛାତ୍ର କଂଗ୍ରେସ ଦାବି କରୁଛି। ଏତଦ୍‌ଭିନ୍ନ ଛାତ୍ରମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ପୋଲିସ ଏବଂ ସରକାରୀ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କୁ ଆଜୀବନ ପରୀକ୍ଷା ଦେବାରୁ ବଂଚିତ କରିବାପାଇଁ ଧମକ ଦେଉଥିବା ଅଧିକାରୀଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର କଂଗ୍ରେସ ଦାବି କରୁଛି। ନିଟ୍ ପିଜି - ୨୦୨୨ ପରୀକ୍ଷା ଘୁଂଚାଯାଉ ଏମବିବିଏସ ଛାତ୍ରଛାତ୍ରୀମାନଙ୍କର କୋଭିଡ-୧୯ ମହାମାରୀ ପରିସ୍ଥିତି ପାଇଁ ଇଂଟର୍ଣ୍ଣସିପ୍ ସମାପ୍ତ ହୋଇପାରି ନାହିଁ। ତେଣୁ ସେମାନେ ନିଟ୍-ପିଜି ୨୦୨୨ ପରୀକ୍ଷା ପାଇଁ ଯୋଗ୍ୟ ହୋଇପାରିବେ ନାହିଁ। ଏଣୁ ମାର୍ଚ୍ଚ ୧୨ ତାରିଖ ପାଇଁ ଧାର୍ଯ୍ୟ ହୋଇଥିବା ନିଟ-ପିଜି - ୨୦୨୨ ପରୀକ୍ଷାକୁ ଘୁଂଚାଇବା ପାଇଁ ଛାତ୍ର କଂଗ୍ରେସ ଦାବି କରୁଛି। ଯାହାଫଳରେ ଇଂଟର୍ଣ୍ଣସିପିରେ ଏମବିବିଏସ ଛାତଛାତ୍ରୀ ମାନେ ନିଟ୍‌ପିଜି ପରୀକ୍ଷା ଦେବାପାଇଁ ଯୋଗ୍ୟ ହୋଇପାରିବେ। କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷା ନିମନ୍ତେ ବୟସସୀମା କୋହଳକୋଭିଡ-୧୯ ମହାମାରୀ ପାଇଁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁକ୍ଷୁଡ଼ି ପଡ଼ିଛି। ଏହି ସମୟରେ ଛାତ୍ରଛାତ୍ରୀ ମାନଙ୍କର ବୟସସୀମା ଅତିକ୍ରମ କରିଯାଇଛି। ଏଣୁ ୟୁ.ପି.ଏସ୍.ସି, ଆଇ.ବି.ପି.ଏସ, ଏସ୍.ଏସ୍.ସି, ଜେ. ଇ. ଇ ପରୀକ୍ଷା ପାଇଁ ବୟସସୀମା ବଢ଼ାଇଲେ କୋଭିଡ-୧୯ ପାଇଁ କ୍ଷତିଗ୍ରସ୍ତ ହେଉଥିବା ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ରନ ପରିଡ଼ା, ଆଦିତ୍ୟ ପ୍ରିତମ ଦାସ, ମହମ୍ମଦ ଗୁଲଫାମ, ରିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ଜଗଦିଶ ଗଜେନ୍ଦ୍ର, ବିଭୁପ୍ରସାଦ ଜେନା, ଅଖିଳେଷ ଯାଦବ, ଅର୍ମାନ ଜେନା, ବିଶ୍ୱଭୂଷଣ ମହାପାତ୍ର, ସାହରୁଖ ଖାନ, ଅସିତ ବାରିକ, ମହମ୍ମଦ ନବିଉଲ, ଅବିନାଶ ନନ୍ଦ, ମୁନା ପରିଡ଼ା, ବିଭୂତି ଭୂଷଣ ମହାପାତ୍ରି, ମହମ୍ମଦ ସମିଉଲ, ଉଦିତ୍ ପ୍ରଧାନ, ଶ୍ରୀ ମହାନ୍ତି, ପ୍ରୀତିସ୍ମିତା ଜେନା, ରାଜଲକ୍ଷ୍ମୀ ସାହୁ, ପ୍ରମୋଦିନୀ ସାହୁ, ଆରିୟାନ ସାସ୍‌ମଲ, ସେକ୍ ନିଆଜୁଲ, ଜିତେନ୍ଦ୍ର ମଲ୍ଲିକ, ଉମାଶଙ୍କର ବେହେରା, ତନ୍ମୟ ଜେନା, ଓମସାଇ ବିଶ୍ୱାଳ, ଚିନ୍ମୟ କୁମାର ପଣ୍ଡା, ସାର୍ଥକ ଦାସ,ସାଇରାମ ପାଣିଗ୍ରାହି, ଜ୍ୟୋତିନ୍ଦ୍ର ବାରିକ ଓ ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଚଣ୍ଡିଖୋଲ ଅଂଚଳରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ

ଚଣ୍ଡିଖୋଲ ,(ପିଏନ୍): ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବଡ଼ଚଣା ବ୍ଲକର ବିଭିନ୍ନ ଅଂଚଳରେ ଜାନୁୟାରୀ ୨୬ତାରିଖ ଦିନ ଜାତୀୟପତାକା ଉତ୍ତୋଳନ କରାଯାଇଅଛି। ଚଣ୍ଡିଖୋଲର ଆଂଚଳିକ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମଂଚର କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ଶେଷଦେବ ନାୟକ, ସମ୍ପାଦକ ହେମନ୍ତ ସାମଲ, ଚିତ୍ତରଂଜନ ମହାପାତ୍ର ପ୍ରମୁଖ ପତକା ଉତ୍ତୋଳନ କରିଥିଲେ। ରାଜୀବ ମେମୋରିଆଲ କଲଚରାଲ ସେଂଟର ସମ୍ମୁଖରେ କଂଗ୍ରେସ ନେତା କ୍ୟାପ୍‌ଟେନ୍ ରାଜନାରାୟଣ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ବିଭୂତି ଭୂଷଣ ଜେନା, ପ୍ରେସକ୍ଲବ ଚଣ୍ଡିଖୋଲ ଠାରେ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି ସାମ୍ବାଦିକ ନରେନ୍ଦ୍ର କୁମାର ରାଉତ, ଶିବରାମ ସାହୁ, ପ୍ରଶନ୍ନ ବିଶ୍ୱାଳ, ଦିଲ୍ଲୀପ ସାହୁ, ଚଣ୍ଡିଖୋଲ କୋର୍ଟ ପରିସରରେ ସିଭିଲ ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ବାର ଆସୋସିଏସନ୍‌ର ସଭାପତି ଆଡ଼ଭୋକେଟ୍ ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାଶ ଚଣ୍ଡିଖୋଲ ବିଜେଡ଼ି କାର୍ଯ୍ୟାଳୟ, ସୁଙ୍ଗୁଡ଼ା ଗ୍ରାମପଂଚାୟତ କାର୍ଯ୍ୟାଳୟ, ଚଣ୍ଡିଖୋଲ ଜଳସେଚନ ସରକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳ ଓ ପରିମଳର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଉଦୟଗିରିଠାରେ ବୁଦ୍ଧ ମହୋତ୍ସବ ସମିତି ତରଫରୁ ବରିଷ୍ଠ ସଭ୍ୟ ଯୁଗାନ୍ତର ସାଂସ୍କୃତିକ ପରିଷଦ ସଭାପତି କିଶୋର ଦାଶ, ମାଣ୍ଡୁକା ପଂଚାୟତ ବିକାଶ ମଂଚ ପକ୍ଷରୁ ସାମ୍ବାଦିକ ମହେଶ୍ୱର ବଳ ପ୍ରମୁଖ ଜାତୀୟ ପତକା ଉତ୍ତୋଳନ କରିଥିଲେ।

## କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ୱାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି ।

ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ଼୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ୍ୟ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ।

# ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବ□ିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବ□ିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି। ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ। କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ। ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା। କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି। ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବ□ିତ ହୋଇଛନ୍ତି। ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ। ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ। ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବ□ିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



MAHARISHI PUBLIC SCHOOL
2021-2022



ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday January 28, 2022 ଭୁବନେଶ୍ୱର ଶୁକ୍ରବାର, ଜାନୁଆରୀ ୨୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନା ତାଲିମ : ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରଙ୍କ ଅଂଶଗ୍ରହଣ

ବାଲେଶ୍ୱର,(ପି.ଏନ): ଜିଲ୍ଲାରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ର ସୁପରିଚାଳନା ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ଏହି ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଏଥିରେ ଉପସ୍ଥିତ ରହି ସେମାନଙ୍କୁ ପଂଚାୟତ ନିର୍ବାଚନର ସମସ୍ତ ପର୍ଯ୍ୟାୟ ଓ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବା ସହିତ ଏହାକୁ ଗୁରୁତ୍ୱ ସହକାରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ ସେକ୍ଟର ଅଧିକାରୀ, ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କ ଦାୟିତ୍ୱ, ଭୋଟ୍ ଗ୍ରହଣ ପ୍ରକ୍ରିୟା, ଭୋଟବାକ୍ସର ସଠିକ୍ ବ୍ୟବହାର ଉପରେ ଆଲୋକପାତ କରିଥିଲେ । କୋଭିଡ୍-୧୯ ନିୟମାବଳୀର ଅନୁପାଳନ ପୂର୍ବକ ନିର୍ବାଚନ ପରିଚାଳନା ଓ ଭୋଟ୍‌ଗ୍ରହଣ କିଭଳି ସମ୍ପନ୍ନ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଭଲ ଭାବେ ବୁଝାଯାଇଥିଲା । ସେହିଭଳି ଭୋଟ୍ ଗ୍ରହଣ ପୂର୍ବରୁ କରାଯିବାକୁ ଥିବା ପ୍ରସ୍ତୁତି, ପୋଲିଂ ଏଜେଂଟ୍‌ଙ୍କ ଉପସ୍ଥିତିରେ ଭୋଟବାକ୍ସ ଓ ବାଲଟ୍ ପେପରକୁ କିଭଳି ଠିକ ଢଙ୍ଗରେ ପ୍ରସ୍ତୁତ କରାଯିବ, ଭିନ୍ନ ଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ରହିଥିବା ଭିନ୍ନ ଭିନ୍ନ ରଙ୍ଗର ବାଲଟ୍ ପେପର, ଭୋଟଗ୍ରହଣ ଦିନ ଭୋଟରମାନେ କୋଭିଡ ନିୟମ ପାଳନ ପୂର୍ବକ କିଭଳି ଧାଡିରେ ଛିଡା ହୋଇ ସହଜରେ ଭୋଟଦାନ କରିପାରିବେ, ଦିବ୍ୟାଙ୍ଗ ଓ କୋଭିଡ୍ ଆକ୍ରାନ୍ତମାନଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ବ୍ୟବସ୍ଥା, ଭୋଟଗ୍ରହଣ ଶେଷ ପରେ ଭୋଟବାକ୍ସକୁ କିଭଳି ସିଲ କରାଯିବ ଡେମୋ ମାଧ୍ୟମରେ ତାହା ଅଧିକାରୀମାନଙ୍କୁ ଦେଖାଯାଇଥିଲା । ଭୋଟଦାନ ବୁଥରେ ବିଜୁଳି, ପାଣି, ଶୌଚାଳୟର ଉପଯୁକ୍ତ ବ୍ୟବସ୍ଥା, ପୋଲିଂ ପାର୍ଟି ସଦସ୍ୟଙ୍କ ଦାୟିତ୍ୱ, ପୋଲିଂ ବୁଥରେ ଆଇନଶୃଙ୍ଖଳା ରକ୍ଷା, ଭୋଟ୍‌ଗ୍ରହଣ ସମୟ, ଭୋଟରଙ୍କୁ ସଠିକ୍ ଭାବେ ଚିହ୍ନଟ, ଭୋଟ୍‌ଦାନ କିଭଳି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ଏବଂ ଭୋଟ୍‌ବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ବିତରଣ ଠାରୁ ଆରମ୍ଭ କରି ଭୋଟ୍ ଗଣତି ଶେଷ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଏହି ତାଲିମ୍ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ସୋର ତହସିଲଦାର ଶ୍ରୀ ସୁଶାନ୍ତ କୁମାର ବାରିକ୍, ସୋର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାକେଶ କୁମାର ପଣ୍ଡା, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ରବି ଚନ୍ଦ୍ର କହଁର ପ୍ରମୁଖ ଏଥିରେ ଯୋଗ ଦେଇ ତାଲିମ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ । ତିନିଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିବ । ଏହି ତାଲିମ ଶିବିରରେ ପ୍ରଶିକ୍ଷଣ ଲାଭ କରିଥିବା ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ବ୍ଲକସ୍ତରରେ ମାଷ୍ଟର ଟ୍ରେନର, ସେକ୍ଟର ଅଫିସର ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ପ୍ରଦାନ କରିବେ । ପଂଚାୟତ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯେପରି ନିଜ ନିଜ ଦାୟିତ୍ୱ ସମ୍ପର୍କରେ ସଠିକ୍ ପ୍ରଶିକ୍ଷଣ ଲାଭ କରିପାରିବେ ଏବଂ ସଚେତନ ହୋଇପାରିବେ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବିଶ୍ୱମାନବାଧିକାର ଆୟୁକ୍ତ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ସଧାରଣତନ୍ତ୍ର ଦିବସ ପାଳିତ

କେନ୍ଦୁଝର,(ପି.ଏନ): ୭୩ତମ ସାଧାରଣତନ୍ତ୍ର ଦିବସ କେନ୍ଦୁଝର ମାନବାଧିକାର ଆୟୁକ୍ତଙ୍କ କାର୍ଯ୍ୟାଳୟରେ କୋଭିଡ୍ କଟକଣା ନିୟମ ଅନୁସାରେ ପାଳିତ ହୋଇଯାଇଛି । ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ସକାଳ ୮ ଘଟିକା ସମୟରେ ଆୟୁକ୍ତର ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପତାକା ଉତ୍ତୋଳନ କରି ଉପସ୍ଥିତ କର୍ମକର୍ତ୍ତାଙ୍କୁ କହିଥିଲେ ଯେ ଯେଉଁ ମହାମନୀଷିମାନେ ବହୁ କଷ୍ଟ ସ୍ୱୀକାର ସହ ପ୍ରାଣବଳି ଦେଇ ସ୍ୱାଧୀନତା ଆଣିଥିଲେ ସେମାନଙ୍କର ଉପଦେଶ, ଦେଶ ଓ ଜାତି ପ୍ରତି ଆହ୍ୱାନ ଆମେ କେତେକାଂଶରେ ହେଲେ ପାଳନ କରନ୍ତେ ତେବେ ଆମ୍ଭର ଜାତୀୟ ଅବକ୍ଷୟ ଅନେକାଂଶରେ ରୋକାଯାଇ ପାରନ୍ତା ।




ଉତ୍କଳ ସାମ୍ବାଦିକ ସଂଘର ୭୮ତମ ପ୍ରତିଷ୍ଠା ଉତ୍ସବରେ ଉପଦେଷ୍ଟା କିଶୋର ଦ୍ୱିବେଦୀ ଓ ସଭାପତି ବିଭୁତି ଭୂଷଣ କର ତଥା ଅନ୍ୟାନ୍ୟ କର୍ମକର୍ତା ମଂଚାସୀନ ଅଛନ୍ତି

## ସାଧାରଣତନ୍ତ୍ର ଦିବସରେ ବଣିକ ସଂଘ ତରଫରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ

ଢେଙ୍କିକୋଟ,(ପି.ଏନ): ଢେଙ୍କିକୋଟ ଠାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ୭୩ତମ ସାଧାରଣତନ୍ତ୍ର ଦିବସ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । କରୋନା ଓ ଓମିକ୍ରନର ଭୟ ସହିତ ସରକାରଙ୍କ ନୀତିନିୟମକୁ ପାଳନ କରି ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ଓ ସମ୍ବର୍ଦ୍ଧନାର ପର୍ବ କରାଯାଇଥିଲା । ଢେଙ୍କିକୋଟ ବଣିକ ସଘ ତରଫରୁ ସଭାପତି ରାଜ କିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ ଏବଂ ପତାକା ଉତ୍ତୋଳନ ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା । ଢେଙ୍କିକୋଟର ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, ବ୍ୟବସାୟୀ ପରପୋକାରୀ ବ୍ୟକ୍ତି ରାମ ସେବକ ଚୌଧୁରୀ(୮୦)ଙ୍କୁ ବଣିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା କରିଥିଲେ ସଂଜୟ କୁମାର ସାହୁ, ବଣିକ ସଂଘ ସଭାପତି ରାଜ କିଶୋର ସାହୁ, ସମ୍ପାଦକ ଲଲାଟେନ୍ଦୁ ସାହୁ, ଉପସଭାପତି ମହେଶ୍ୱର ସାହୁଙ୍କ ସମେତ ଏସ୍.କେ. ଜାବେର, ଲକ୍ଷ୍ମୀଧର ସାହୁ, ଅଜୟ ବେଜ, ସରୋଜ କୁମାର ମହାନ୍ତ, ଏସ୍.କେ. କରିମ୍, କୃପାସିନ୍ଧୁ ଦଳେଇ, ରାଜେଶ ଲାଖୋଟିଆ, ସମିର ଲାହା, ଗୋପୀ କିଶନଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ନିମନ୍ତ୍ରିତ ଅତିଥି ଭାବେ ଯୁଗଳ କିଶୋର ଦାସ, କୁଳମଣି ମଣ୍ଡଳ, ସେକ୍ କୁଦୁସ, ସେକ୍ ଇମ୍ରାନ, ରମେଶ ମହାନ୍ତ, ଗୌରୀଶଙ୍କର ମୁଧାରା, ମୁରଲୀଧର ସାହୁ, ନବୀନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

## ଶ୍ରୀ ମେଟାଲିକ୍ସ କାରଖାନାରେ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ



କେନ୍ଦୁଝର,(ପି.ଏନ): ବାଂଶପାଳ ବ୍ଲକ ଅଁରାସ୍ଥିତ ଶ୍ରୀ ମେଟାଲିକ୍ସ କାରଖାନା ପରିସରରେ ୭୩ ତମ ସାଧାରଣତନ୍ତ୍ର ଦିବସ କୋଭିଡ-୧୯ ମାର୍ଗଦର୍ଶିକା ଅନୁଯାୟୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀ ମେଟାଲିକ୍ସ ଲିଃର ସଭାପତି ସରୋଜ କୁମାର ବିଶ୍ୱାଳ ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନସାଧାରଣ ଏବଂ କର୍ମଚାରୀଙ୍କୁ ସମ୍ବୋଧନ କରି ଆଜିର ଦିନ ଆମ ପାଇଁ ସ୍ମରଣୀୟ ଦିବସ। ଦେଶର ସ୍ୱାଧିନତା ପ୍ରାପ୍ତି ପରେ ଯେଉଁ ମହାନ ଉପଲବ୍ଧି ଆମେ ହାସଲ କରିଥିଲୁ ତାହା ହେଲା ଦେଶକୁ ଗଣତନ୍ତ୍ର ରାଷ୍ଟ୍ର ଭାବେ ଗଢିତୋଳିବା। ଆମେ ଆଜି ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଗୈରବ ଅର୍ଜନ କରିପାରିଛୁ। ଆରମ ପୂର୍ବ ପୁରୁଷ ମାନେ ଯେଉଁ ସଂଗ୍ରାମ,ବଳିଦାନ,ତ୍ୟାଗ,ଦେଶପ୍ରେମ ପ୍ରଦର୍ଶନ କରି ଯାଇଛନ୍ତି ସେମାନେ ଆଜି ଆମ ପାଇଁ ନମସ୍ୟ। ଏହି ଉତ୍ସବରେ ଟେକନିକାଲ ହେଡ ବିଏନ ପ୍ରସାଦ,ଏଚ୍‌ଆର ହେଡ ଶିଶିର କୁମାର ରାଉତ,ଏଜିଏମ ଅପରେସନ (ପିଲେଟ) ଜ୍ଞାନ ରନ ସ୍ୱାଇଁ,ସିନିୟର ଏଜିଏମ (ଗ୍ରାଇଡିଙ୍ଗ) ଅବନୀ କୁମାର ବିଶ୍ୱାଳ, ଏଜିଏମ ଅପରେସନ (ପିଲେଟ) ଆଲୁରୁଲୁ ରମେଶ,ଏଜିଏମ ଲଜିଷ୍ଟିକ ବିନୋଦ କୁମାର ମହାନ୍ତି,ସିନିୟର ମ୍ୟାନେଜର (ଅପରେସନ ପିଲେଟ) ଅମରେଶ ଲେଙ୍କା,ସିନିୟର ମ୍ୟାନେଜର ମେକାନିକାଲ ସାହିଲ କୁମାର ପାଣିଗ୍ରାହୀ,ସିନିୟର ଏଜିଏମ କ୍ୱାଲିଟି କଣ୍ଟ୍ରୋଲ ସହରତ କୁମାର ପ୍ରଧାନ, ସିନିୟର ମ୍ୟାନେଜର ମେକାନିକାଲ ଦେବବ୍ରତ ମେହେର,ମ୍ୟାନେଜର ପିସିଆଇ ହିମାଂଶୁ କୁମାର ସାହୁ,ସେଫଟି ଅଫିସର ଇନଜାମୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ୟାରେଡରେ କମ୍ପାନୀର ସିକ୍ୟୁରିଟି କର୍ମଚାରୀମାନେ ଭାଗ ନେଇଥିଲେ। ମ୍ୟାନେଜର (ସିକ୍ୟୁରିଟି) ଅଶୋକ ପଣ୍ଡା,ସିକ୍ୟୁରିଟି ଅଫିସର ଉଦୟ ନାରାୟଣ ମହାନ୍ତି ପ୍ୟାରେଡ ପରିଚାଳନା କରିଥିଲେ।

## ଜିଲ୍ଲାର ବିଭିନ୍ନ ଜାଗାରେ ୭୩ ତମ ସାଧାରଣତନ୍ତ୍ର ଦିବସ ପାଳିତ




ଫୁଲବାଣୀ,୨୭।୧(ପି.ଏନ):ଟିକାବାଲି ବ୍ଲକ ଗୁଟିଙ୍ଗିଆ ଠାରେ ୭୩ ତମ ସାଧାରଣ ତନ୍ତ୍ର ଦିବସ ମା ଠାକୁରାଣୀ ଅଟୋ ସଂଘ ଗୁଟିଙ୍ଗିଆ କନ୍ଧମାଳ ଆନୁକୁଲ୍ୟରେ ପାଳିତ ହୋଇଯାଇଛି । ଉକ୍ତ ପବିତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଜାଗ୍ରତ କନ୍ଧମାଳ ଓଡିଶାର ସାଧାରଣ ସମ୍ପାଦକ ଜିଲ୍ଲା ପ୍ରତିନିଧି ତଥା ଜିଲ୍ଲା ପ୍ରେସ କ୍ଲବର ଉପ ସଭାପତି ତଥା ଆଇନଜୀବୀ ସତ୍ୟ ନାରାୟଣ ବେହେରା ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ଏଥି ସହିତ ସଂଘର ପ୍ରାୟ ୮୦ଜଣ ଅଟୋ ଚାଳକଙ୍କୁ ପୋଷାକ ବଂଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସେନା କର୍ମଚନ୍ାରୀ ସୁକାନ୍ତ ପ୍ରଧାନ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ସୋମନାଥ ନାୟକ,ସାଧାରଣ ସମ୍ପାଦକ ମିଥନ ନାୟକ,ଉପଦେଷ୍ଟା ବିଜୟ ବେହେରା ଦାୟିତ୍ୱ ତୁଲାଇଥିଲେ । ସେହିପରି ଫିରିଙ୍ଗିଆ ବ୍ଲକର ମଣିପଦର ଠାରେ କନ୍ଧ ଗୌଡ ସମାଜସେବା ସମିତି ଫିରିଙ୍ଗିଆ କନ୍ଧମାଳର ସଭାପତି ପ୍ରେମାନନ୍ଦ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ୭୩ତମ ସାଧାରଣ ତନ୍ତ୍ର ଦିବସରେ ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଙ୍ଗଠନର କନ୍ଧ ଗୌଡ ପ୍ରକୃତ ପୁଜକ ସଂଯୋଜକ ଆନନ୍ଦେଶ୍ୱର କହଁର ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିଲେ ଓ ସମ୍ମାନିତ ଅତିଥି ରୁପେ ଶଙ୍କର ଦିଗାଲ,ତ୍ରିନାଥ ଦିଗାଲ ଉପସ୍ଥିତ ଥିଲେ ଉକ୍ତ କାର୍ଯ୍ୟକ୍ରମରେ ଧର୍ନୁଜୟ ଦିଗାଲ,କାକୁରା ଦିଗାଲ,ଦୃକୁ ସଂ କହଁର,ପିତାମ୍ବର ଦିଗାଲ,ବୈଷ୍ଣବ ମାଝୀ ସହଯୋଗ କରିଥିଲେ ।ସେହିପରି ଖଜୁରୀପଡା ବ୍ଲକ ବଲସକୁମ୍ପା ଗ୍ରାମ ପଂଚାୟତ ନବଗୁବା ଛକ ଠାରେ କନ୍ଧଗୌଡ ବିକାଶ ସମିତି ବଲସକୁମ୍ପାର ସଭାପତି ଅନ୍ତର୍ଯ୍ୟମୀ ଭୋଇଙ୍କ ନେତୃତ୍ୱରେ ସାଧାରଣ ତନ୍ତ୍ର ଦିବସ ପାଳିତ ଅବସରରେ ମୁଖ୍ୟ ଅତିଥି ଭାବେ ଜାଗ୍ରତ କନ୍ଧମାଳ ଓଡିଶାର ଉପସଭାପତି ବିଚିତ୍ରବିର୍ଜି ପ୍ରଧାନ ଜାତୀୟ ପତାକା ଉତୋଳନକରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ପୁର୍ବତନ ସରପଂଚ କୁମୁଦ ଚନ୍ଦ୍ର ପ୍ରଧାନ,ସପ୍ନା ରାଣୀ ମଲ୍ଲିକ ଯୋଗ ଦେଇଥିବା ବେଳେ ସମାଜର ସମ୍ପାଦକ ସୁବାଷ ଚନ୍ଦ୍ର ପ୍ରଧାନ ରିତ କୁମାର ବେହେରା,ରୋହିତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଂଗଠନ ତରଫରୁ ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା ଉପସ୍ଥିତ ରହି ପିରିକୁଡି ଅଂଚଳର ପ୍ରକୁତ ପୁଜକ ଦେହୂରୀ,ଜାନୀ ଝାଙ୍କର, ମାଟିଗୁରୁ ,ଠାକୁରାଣୀ ପୂଜକ ମାନଙ୍କୁ ମାନପତ୍ର ଓ ଉତୋରୀୟ ଦେଇ ସମ୍ମାନତି କରି ଅଂଚଳରେ ଶାନ୍ତି ଓ ଭାଇଚାରା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଫୁଲବାଣୀ ଅରବିନ୍ଦ ନଗର ଠାରେ କନ୍ଧମାଳ ମିଡିଆ ଫୋରମର ସମ୍ପାଦକ ସୁର୍ଯ୍ୟ ନାରାୟଣ ବେହେରା ଜାତୀୟ ପତାକା ଉତୋଳନ କରିବା ସହ ପିଲା ମାନଙ୍କୁ ମିଷ୍ଟାନ ବଂଟନ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray